ଫେବୃଆରୀ

୧୯୭୨





ପଦାଠାରେ ଜନସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆୟୋଜିତ ଏକ ସାଂସ୍କୃତିକ ଉତ୍ସବରେ ସୁନ୍ଦରଗଡ଼ର
ସହରାଞ୍ଚଳର ଏକ ଲୋକନୃତ୍ୟ ଦଳଦ୍ୱାରା ପ୍ରଦର୍ଶିତ ହଉ ଲୋକନୃତ୍ୟର ଏକ ଦୃଶ୍ୟ

ଗତ ବର୍ଷ ନଭେମ୍ବର ମାସ ୨୭ ତାରିଖ ଦିନ ବାରିପଦାଠାରେ ଜନସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ଆୟୋଜିତ ଏକ ଉପଢୌକନ ଉତ୍ସବରେ କଳିଙ୍ଗ ଶୈଳୀ ଦ୍ୱାରା ପ୍ରଦର୍ଶିତ ହୋଇଥିବା ନୃତ୍ୟ।





ପ୍ରଚ୍ଛଦପଟଚିତ୍ର : ରାଜାରାଣୀ ମନ୍ଦିର, ଭୁବନେଶ୍ୱର

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ତଥ୍ୟାଦି ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତି ମାସ ୧୫ ତାରିଖ

ସମ୍ପାଦକ—ପଞ୍ଚାନନ ତ୍ରିପାଠୀ, ଆଇ. ଏ. ଏସ୍., ନିର୍ଦ୍ଦେଶକ, ଲୋକସମ୍ପର୍କ, ପର୍ଯ୍ୟଟନ ଓ ପ୍ରୋଟୋକଲ, ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର ।

ସହକାରୀ ସମ୍ପାଦକ—ବିଶ୍ୱମ୍ଭର ଦାସ

ମୂଲ୍ୟ—ପ୍ରତି ସଂଖ୍ୟା ୨୦ ପଇସା

ପ୍ରକାଶକ—ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା

ଟେଲିଗ୍ରାମ—ପବ୍ଲିସିଟି

# ଉତ୍କଳ ପ୍ରସଙ୍ଗ

| | | |
|---|---|---|
| ୨୫ଶ ଭାଗ | ଫେବୃଆରୀ ୧୯୬୯<br>ଫାଲ୍‌ଗୁନ ୧୮୯୦ | ୭ମ ସଂଖ୍ୟା |

ଏ ସଂଖ୍ୟାରେ ପଢ଼ନ୍ତୁ—

୧ । ପର୍ଯ୍ୟଟନ ଶିଳ୍ପ ଓ ଓଡ଼ିଶା ... ୧

୨ । ଯୁବ ନେତାମାନଙ୍କ ଉଦ୍ଦେଶ୍ୟରେ : ସାମାଜିକ ଜାଗୃତି ଚେତନାରେ ଉଦ୍‌ବୁଦ୍ଧ ହୁଅ । ୫

୩ । ଶୃଙ୍ଖଳା ବୋଧ ଓ ସ୍ୱଦେଶ ପ୍ରୀତି ସହ ଦେଶ ଗଠନ କରନ୍ତୁ । ୧୧

୪ । ବଞ୍ଚିତ ଓ ଅବହେଳିତ ଜନତାର ସେବାହିଁ ଯୁବ ସମାଜର ଲକ୍ଷ୍ୟହେଉ । ୧୭

୫ । ମହାତ୍ମା ଗାନ୍ଧୀ ଜିନ୍ଦାବାଦ ... ୨୩

୬ । ଗାନ୍ଧୀ ଶତବାର୍ଷିକୀ କମିଟି ଓ ଭାରତୀୟ ମହିଳା ସମାଜ । ୨୯

୭ । କୃଷି ଓ କୃଷୀ : ଗହମର ଗୁଣ ... ୩୧

୮ । ଆପଣଙ୍କର ରାଜ୍ୟ ପରିବହନ ସଂସ୍ଥା ସଂପର୍କରେ ଜାଣି ରଖନ୍ତୁ । ୩୩

୯ । ଆମ ରାଜ୍ୟ ... ୩୫

ଏ ସଂଖ୍ୟାରେ ଲେଖିଛନ୍ତି —

ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର

ଶ୍ରୀମତୀ ସୁନ୍ଦରମଣି ପଟ୍ଟନାୟକ

ଡକ୍ଟର କରଣ ସିଂହ

# ପର୍ଯ୍ୟଟନ ଶିଳ୍ପ ଓ ଓଡ଼ିଶା

ଏହି ରଚନାଟି କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ବିଭାଗ ମନ୍ତ୍ରୀ ଡକ୍ଟର କରଣ ସିଂହ ଗତ ୧୯ । ୧ । ୧୯୭୪ ତାରିଖ ଦିନ କୋଣାର୍କଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ପରାମର୍ଶଦାତା ବୋର୍ଡ଼ରେ ଦେଇଥିବା ଭାଷଣରୁ ଉଦ୍ଧୃତ ।

ଓଡ଼ିଶା ପରିଦର୍ଶନରେ ଆସିବା ଏହା ମୋର ପ୍ରଥମ ନୁହେଁ । ଏହି ପୂର୍ବରୁ ମୁଁ ଦୁଇ ତିନି ଥର ଓଡ଼ିଶାକୁ ଆସିଛି । କିନ୍ତୁ ପର୍ଯ୍ୟଟନ ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ମୁଁ ପ୍ରଥମ କରି ଏଥର ଓଡ଼ିଶା ପରିଦର୍ଶନରେ ଆସିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବା ନିମନ୍ତେ ମୋତେ ଯେତେବେଳେ ନିମନ୍ତ୍ରଣ କରାଗଲା ସେତେବେଳେ ମୁଁ ଭାବିଲି ଯେ ଓଡ଼ିଶା ପରିଦର୍ଶନ କାଳରେ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ଦିଗରେ ଯେଉଁସବୁ ସମସ୍ୟା ରହିଛି । ସେସବୁ ପ୍ରତି ମୁଁ ସ୍ୱତନ୍ତ୍ର ଦୃଷ୍ଟି ଦେଇପାରିବି । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କଲାଭଳି ଓଡ଼ିଶାରେ ଅନେକ ଆକର୍ଷଣୀୟ ସ୍ଥାନ ରହିଥିବାରୁ ଓଡ଼ିଶାରେ ପର୍ଯ୍ୟଟନ ବିକାଶ ନିମନ୍ତେ ମୁଁ ଅତ୍ୟନ୍ତ ଆଗ୍ରହୀ । ବିଭିନ୍ନ ଦିଗରୁ ଓଡ଼ିଶାର ସ୍ଥାନ ଅଦ୍ୱିତୀୟ । ପ୍ରଥମତଃ ବହୁ ଚିତ୍ତାକର୍ଷକ ପ୍ରାଚୀନ କୀର୍ତ୍ତି ଓ ମନ୍ଦିରମାଳାରେ ଓଡ଼ିଶା ଭରପୂର । ବିଶେଷକରି "ଭୁବନେଶ୍ୱର—ପୁରୀ—କୋଣାର୍କ" ସୁବର୍ଣ୍ଣ ତ୍ରିକୋଣର ଉପଯୁକ୍ତ ବିକାଶ ସାଧନ କରାଗଲେ ଦିନେ ଏହା ଆମର ଦେଶବାସୀଙ୍କୁ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକୃଷ୍ଟ କରିବାରେ ସମର୍ଥ ହେବ । ବିଭିନ୍ନ ଜାତିର ବନ୍ୟପ୍ରାଣୀରେ ମଧ୍ୟ ଓଡ଼ିଶା ଭରପୂର । ଉପଯୁକ୍ତଭାବେ ଏହି ବନ୍ୟ-ପ୍ରାଣୀଙ୍କ ସଂରକ୍ଷଣାବେକ୍ଷଣ କରାଯାଇ ସେଗୁଡ଼ିକୁ ଦେଖିବା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରାଗଲେ ବହୁ ପର୍ଯ୍ୟଟକ ବନ୍ୟପ୍ରାଣୀ ପରିଦର୍ଶନ ନିମନ୍ତେ ଆସିବେ । ଓଡ଼ିଶା, ପ୍ରାକୃତିକ ସୌନ୍ଦର୍ଯ୍ୟର ରତ୍ନାକର ଏବଂ ଏହା ସାଙ୍ଗକୁ ରହିଛି ବିଭିନ୍ନ ଜନପଦର

ହସ୍ତଶିଳ୍ପ । ଏହି ରାଜ୍ୟରେ ରହିଛି ଓଡ଼ିଶୀ ନୃତ୍ୟର ଉଚ୍ଚ ପରମ୍ପରା । ବିଗତ ଦଶବର୍ଷ ମଧ୍ୟରେ ଏହି ନୃତ୍ୟର ଯଥେଷ୍ଟ ବିକାଶ ଘଟିଛି, ଯାହା ଫଳରେ କି ଏହା ଦେଶର ଉଚ୍ଚ ପ୍ରଶଂସିତ ଶାସ୍ତ୍ରୀୟ ନୃତ୍ୟର ସମକକ୍ଷ ହୋଇପାରିଛି । ତେଣୁ ପର୍ଯ୍ୟଟନର ବିକାଶ ନିମନ୍ତେ ଏହି ରାଜ୍ୟରେ ଯେଉଁଭଳି ଅନୁକୂଳ ବାତାବରଣ ରହିଛି, ଦିନେ ନା ଦିନେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଲାଭ କରିପାରିବ ।

କେନ୍ଦ୍ରରେ ପର୍ଯ୍ୟଟନ ନିମନ୍ତେ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ ଖୋଲାଯିବା ପରେ ମୁଁ ବିଶ୍ୱାସ କରିଥିଲି ଯେ ଗତ ଦୁଇ ବର୍ଷ ମଧ୍ୟରେ ଯେଉଁସବୁ କାର୍ଯ୍ୟକଳାପ ଆରମ୍ଭ କରାଯାଇଛି ସେ ଦୃଷ୍ଟିରୁ ପର୍ଯ୍ୟଟନର ବିକାଶ ନିମନ୍ତେ ଚତୁର୍ଥ ଯୋଜନାପାଇଁ ଅଧିକ ଅର୍ଥର ବ୍ୟବସ୍ଥା ହୋଇପାରିଥାନ୍ତା । କିନ୍ତୁ ବାସ୍ତବକ୍ଷେତ୍ରରେ ଦେଖାଗଲା ଯେ ଏଥିପାଇଁ ବିଗତ ଯୋଜନା ତୁଳନାରେ ୪ର୍ଥ ଯୋଜନାରେ ଅଧିକ ଅର୍ଥ ମିଳିଲେ ମଧ୍ୟ ତାହା ଆଶାନୁରୂପ ନୁହେଁ । ତେଣୁ ମିଳୁଥିବା ସମ୍ବଳ ମଧ୍ୟରେ ଆମକୁ ଯାହା କିଛି କରିବାକୁ ପଡ଼ିବ । ମୋ ମତରେ ପର୍ଯ୍ୟଟନ କ୍ଷେତ୍ରରେ ଯେଉଁସବୁ ସମସ୍ୟା ଦେଖାଦେଇଛି ସେ ସବୁ କେବଳ ସମ୍ବଳ ସହିତ ଜଡ଼ିତ ନୁହେଁ । ସେଗୁଡ଼ିକ କେତେକାଂଶରେ ପ୍ରଶାସନିକ ଓ ମାନସିକ ସମସ୍ୟା ମଧ୍ୟ । ପର୍ଯ୍ୟଟନ ବିକାଶ ନିମନ୍ତେ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ବନ୍ୟଜନ୍ତୁ ଓ ଶୀକାର ନିମନ୍ତେ ଜଙ୍ଗଲ ବିଭାଗ, ରାସ୍ତାଘାଟ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ, ପର୍ଯ୍ୟଟକମାନଙ୍କ ଯାତାୟାତ ନିମନ୍ତେ ପରିବହନ ବିଭାଗ ଓ ସେମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟିଦେବା ପାଇଁ ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଏବଂ ପୋଲିସ ବିଭାଗ ମଧ୍ୟରେ ସହଯୋଗ ଆବଶ୍ୟକ । ଏହାଛଡ଼ା ବେସରକାରୀ ସଂସ୍ଥାଗୁଡ଼ିକର ସମର୍ଥନ ଓ ସହଯୋଗ ମଧ୍ୟ ନିତାନ୍ତ ପ୍ରୟୋଜନ । କମ୍ୟୁନିଷ୍ଟ

ଦେଶଗୁଡ଼ିକୁ ବାଦ ଦେଲେ ଅନ୍ୟାନ୍ୟ ବୈଦେଶି
ରାଷ୍ଟ୍ରମାନଙ୍କରେ ବେସରକାରୀ ସଂସ୍ଥାର ଉଦ୍ୟମ
ହିଁ ପର୍ଯ୍ୟଟନର ବିକାଶ ଘଟିଛି । ସେ ସ
ଦେଶରେ ପର୍ଯ୍ୟଟନ ବିକାଶ ନିମନ୍ତେ ବେଶି
ପୁଞ୍ଜି ବେସରକାରୀ କ୍ଷେତ୍ରରୁ ହିଁ ଆସିଛି । ସରକା
କେତେକ ନୀତି ଧାର୍ଯ୍ୟ କରିବା ସଙ୍ଗେ ସ
କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସମ୍ବଳ ବିନିଯୋ
କରିଥାନ୍ତି । କିନ୍ତୁ ଏ କ୍ଷେତ୍ରରେ ବେସରକାରୀ ବ୍ୟକ୍ତି
ସଂସ୍ଥାମାନଙ୍କର ପ୍ରଧାନ ଭୂମିକା ରହିଛି । ଏ ଦିଗ
ହୋଟେଲମାନଙ୍କର ଗୁରୁତ୍ୱ ଯଥେଷ୍ଟ ବେଶି
ଓଡ଼ିଶାର ରାଜଧାନୀରେ ଏବଂ ଅନ୍ୟାନ୍ୟ ଦର୍ଶନ
ସ୍ଥାନମାନଙ୍କରେ ଉନ୍ନତ ଧରଣର ହୋଟେଲ ରହି
ଏକାନ୍ତ ପ୍ରୟୋଜନ । ଆଧୁନିକ ଧରଣର ହୋଟେ
ସ୍ଥାପନ ପାଇଁ ରାଜ୍ୟସରକାରଙ୍କ ତରଫରୁ ହୋଟେ
ମାଲିକମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସ
କେତେକ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବା ଆବଶ୍ୟ
ଦ୍ୱିତୀୟରେ ହେଲା ରାସ୍ତା ପରିବହନ ବ୍ୟବ
ବିଶେଷତଃ ପର୍ଯ୍ୟଟକମାନଙ୍କ ପାଇଁ ମୋଟର ଗା
ଓ ଟାକ୍ସି । ଟାକ୍ସି ଚାଳକମାନଙ୍କୁ ମଧ୍ୟ ଏ ଦିଗ
ଉତ୍ସାହିତ କରିବାକୁ ପଡ଼ିବ । ଏହାଛଡ଼ା ଟ୍ରାଭ
ଏଜେନ୍‌ସିମାନଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁ
ପୂର୍ଣ୍ଣ । କିନ୍ତୁ ଓଡ଼ିଶାରେ ଗୋଟିଏ ମାତ୍ର ଟ୍ରାଭ
ଏଜେନ୍‌ସି ରହିଛି ଏବଂ ଏହାକୁ ମଧ୍ୟ ସ୍ୱୀକୃତି ପ୍ରଦା
କରାଯାଇନାହିଁ । ତେଣୁ ଓଡ଼ିଶାରେ ଶାଖା ଅଫି
ସ୍ଥାପନ କରିବା ଉଦ୍ଦେଶ୍ୟରେ ସୁପ୍ରତିଷ୍ଠିତ ଟ୍ରାଭ
ଏଜେନ୍‌ସିମାନଙ୍କୁ ଉତ୍ସାହିତ କରାଯିବା ଉଚିତ
ସ୍ୱୀକୃତି ପାଇ ନ ଥିବା ଟ୍ରାଭେଲ ଏଜେନ୍‌ସି ସମ୍ପର୍କ
ଆମର ଅନୁଭୂତି ଅତ୍ୟନ୍ତ ତିକ୍ତ । ଏ ସମସ୍ତ ଏଜେନ୍
ଦେଖାଇବା କାର୍ଯ୍ୟକଳାପରେ ଲିପ୍ତ ରହିବା ସ
ସଙ୍ଗେ ଦେଶର ସୁନାମରେ ଆଞ୍ଚ ଆଣୁଛନ୍ତି । ତେ
କେବଳ ସ୍ୱୀକୃତିପ୍ରାପ୍ତ ଟ୍ରାଭେଲ ଏଜେନ୍‌ସିମାନ
ଉତ୍ସାହିତ କରାଯିବା ଉଚିତ । ଏହାଛଡ଼ା ଶୀକାର

ବନ୍ୟଜନ୍ତୁ ସମ୍ପର୍କରେ ଯେଉଁମାନଙ୍କର ଅଭିଜ୍ଞତା ଅଛି ଓ ଯେଉଁମାନେ ପର୍ଯ୍ୟଟକଙ୍କୁ ଶିକାର ଓ ବନ୍ୟଜନ୍ତୁ ପରିଦର୍ଶନରେ ନେଇପାରିବେ ସେଭଳି ଲୋକଙ୍କୁ ମଧ୍ୟ ଉତ୍ସାହିତ କରିବାକୁ ପଡ଼ିବ । ଜନସାଧାରଣ ମଧ୍ୟ ପର୍ଯ୍ୟଟନ ପ୍ରତି ସଚେତନ ହେବା ଆବଶ୍ୟକ ।

ବର୍ତ୍ତମାନ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ ପର୍ଯ୍ୟଟନ ପାଠ୍ୟକ୍ରମ ପ୍ରତି ଉତ୍ସାହ ପ୍ରକାଶ କରୁନାହାନ୍ତି । କିନ୍ତୁ ହାୱାଇ ବିଶ୍ୱବିଦ୍ୟାଳୟ ଅଧୀନରେ ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ସମ୍ପର୍କରେ ସୁନ୍ଦର ଶିକ୍ଷାଦାନ କରାଯାଉଛି । ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ପର୍ଯ୍ୟଟନ ସମ୍ପର୍କରେ ସ୍ୱତନ୍ତ୍ର ବିଭାଗ ଖୋଲିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ନ ଥିଲେ ସୁଦ୍ଧା ସେମାନେ ଏ ଦିଗରେ ଆଗ୍ରହ ପ୍ରକାଶ କରିବା ଉଚିତ । ଏହା ବ୍ୟତୀତ ବହୁ ରାଜପ୍ରାସାଦଗୁଡ଼ିକ ପର୍ଯ୍ୟଟନର ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ ପର୍ଯ୍ୟଟନର ବିକାଶ ଘଟିବା ସଙ୍ଗେ ସଙ୍ଗେ ଏହା ଲାଭପ୍ରଦ ହୋଇପାରିବ । ରାଜସ୍ଥାନରେ ଏହା ସମ୍ଭବ ହୋଇଛି । ପ୍ରଥମକରି ୧୯୫୮ ମସିହାରେ ଶ୍ରୀନଗରେ ଥିବା ରାଜପ୍ରାସାଦକୁ ମୁଁ ଏକ ହୋଟେଲରେ ପରିଣତ କରିଥିଲି । ଏହାର ଅନୁକରଣରେ ଉଦୟପୁର ଓ ଜୟପୁରରେ ମଧ୍ୟ ଏପରି କରାଗଲା । ଇତିପୂର୍ବରୁ ଆନ୍ତର୍ଜାତିକ ପର୍ଯ୍ୟଟନ ମାନଚିତ୍ରରେ ଉଦୟପୁରର ନାମଗନ୍ଧ ମଧ୍ୟ ନ ଥିଲା । ଉଦୟପୁର ସହରଟି ସୁନ୍ଦର ଥିଲେ, ପର୍ଯ୍ୟଟକମାନଙ୍କ ନିମନ୍ତେ ସେଠାରେ କୌଣସି ହୋଟେଲ ନ ଥିଲା । ଉଦୟପୁରର ମହାରଣା ତାଙ୍କର ମନୋରମ ରାଜପ୍ରାସାଦକୁ ଏକ ହୋଟେଲରେ ପରିଣତ କଲେ । ସାରା ଭାରତରେ ଏଭଳି ଚିତ୍ତାକର୍ଷକ ହୋଟେଲ ବିରଳ । ଏହି ହୋଟେଲପାଇଁ ଉଦୟପୁର ଆନ୍ତର୍ଜାତିକ ପର୍ଯ୍ୟଟନମାନ ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭକରିଛି । ଓଡ଼ିଶାରେ ମଧ୍ୟ ଏହା ସମ୍ଭବ ହୋଇପାରିବ ବୋଲି ମୋର ଆଶା ।

ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା-ନିମନ୍ତେ କୋଣାର୍କକୁ ଓଡ଼ିଶାର ପ୍ରଧାନ ପର୍ଯ୍ୟଟନ ସ୍ଥାନରେ ପରିଣତ କରିବାକୁ ହେବ ବୋଲି ମୋର ଯେଉଁ ଧାରଣା ଥିଲା ତାହା ଯଥାର୍ଥ ବୋଲି ମୋର ମନେହୁଏ । ବର୍ତ୍ତମାନର ରାଜଧାନୀ ତଥା ପ୍ରତ୍ନତତ୍ତ୍ୱ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୁବନେଶ୍ୱରକୁ କୋଣାର୍କ ପରିଦର୍ଶନ ନିମନ୍ତେ ଏକ ଭିତ୍ତିଭୂମି ରୂପେ ବ୍ୟବହାର କରାଯାଇ ପାରେ । ଏଥର କୋଣାର୍କରେ ଥିବା ସମୟରେ ମୁଁ ଏହାର ବେଳାଭୂମି ପରିଦର୍ଶନ କରିଥିଲି ଓ ତାହାର ସୌନ୍ଦର୍ଯ୍ୟ ମୋ ମନରେ ରେଖାପାତ କରିଥିଲା । ଏହା ପୂର୍ବରୁ ମୁଁ କୋଣାର୍କ ଆସିଥିଲେ ସୁଦ୍ଧା କୋଣାର୍କର ମନୋରମ ବେଳାଭୂମି ପରିଦର୍ଶନର ସୁଯୋଗ ପାଇ ନ ଥିଲି । ରାତିରେ ଆମେ କୋଣାର୍କକୁ ଆଲୋକମାଳାରେ ସଜ୍ଜିତ କରିବାର ବ୍ୟବସ୍ଥା କଲେ ସେଠାରେ ରାତି ଯାପନପାଇଁ ଲୋକମାନଙ୍କ ମନରେ ଆଗ୍ରହ ଜାତ ହେବ । କୋଣାର୍କର ବେଳାଭୂମିରେ କେତେକ ସୁବିଧା ସୁଯୋଗର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନେ କୋଣାର୍କରେ କିଛିକାଳ ଅତିବାହିତ କରିବାପାଇଁ ଆଗ୍ରହୀ ହେବେ । ବର୍ତ୍ତମାନ ମୁଁ ଯାହା ଜାଣୁଛି ଭୁବନେଶ୍ୱର ଆସି ସେଠାରୁ ଦୁଇଘଣ୍ଟାପାଇଁ ମଟର ଚଳାଇ କୋଣାର୍କ ମନ୍ଦିର ଦେଖି ପୁନର୍ବାର ଫେରିଯିବା ଏକ ଗତାନୁଗତିକତାରେ ପରିଣତ ହୋଇଛି । ଏହା ପ୍ରକୃତରେ ଏକ ଉତ୍ତମ ବ୍ୟବସ୍ଥା ନୁହେଁ, କାରଣ ସେଠାରେ ସେମାନେ ଯେତେ ସମୟ ଅତିବାହିତ କରିବାକୁ ଓ ଅର୍ଥ ଖର୍ଚ୍ଚ କରିବାକୁ ଚାହାନ୍ତି, ତାହା କରି ପାରନ୍ତି ନାହିଁ । ଏହି ଦୃଷ୍ଟିରୁ ସାଧାରଣ ଭାବେ କୋଣାର୍କରେ ଆଲୋକସଜ୍ଜା ଓ ବେଳାଭୂମିରେ ସୁବିଧା ସୁଯୋଗର ବ୍ୟବସ୍ଥା କରିବାକୁ ଆମେ ସମର୍ଥ ହୋଇ ପାରିବା ବୋଲି ମୁଁ ମନେ କରୁଛି । ପୂର୍ତ୍ତ ବିଭାଗ ଖୁବ୍ ଶୀଘ୍ର ରାସ୍ତାରେ ପିଚୁ ଢଳେଇ କରୁଛନ୍ତି ବୋଲି ଶୁଣିଲି । ଏହା ଫଳରେ

ସ୍ୱନିସାବ୍ର କୋଣାର୍କରେ ଲୋକ ଚଳାଚଳ ଲାଗିରହିବ । କୋଣାର୍କ ମନ୍ଦିର ଯେ ଏକ ମନୋଜ୍ଞ କୀର୍ତ୍ତି, ଏହା ମୋତେ ସ୍ୱୀକାର କରିବାକୁ ପଡ଼ିବ; କିନ୍ତୁ ତାହା ଉପରେ ବହୁ ସଂଖ୍ୟକ ଲୋକ ଚଲାବୁଲା କରୁଥିବା ଦେଖି ମୁଁ ଟିକିଏ ବିବ୍ରତ ବୋଧ କଲି । କୋଣାର୍କ ମନ୍ଦିର ବିଶେଷ ଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସେପରି କରିବା ବିଜ୍ଞତାର କାର୍ଯ୍ୟ ହେବକି ନାହିଁ, ସେ ବିଷୟରେ ମୁଁ ପ୍ରକୃତରେ ନିଶ୍ଚିତ ନୁହେଁ । ମନ୍ଦିର ଉପରକୁ ଯାଇ ବୁଲିବାପାଇଁ ହଜାର ହଜାର ଲୋକଙ୍କୁ ଅନୁମତି ଦେବା ଓ ମୂର୍ତ୍ତି ଏବଂ ଅନ୍ୟାନ୍ୟ କଳାକୃତିଗୁଡ଼ିକୁ ସ୍ପର୍ଶ କରିବାକୁ ଛାଡ଼ି ଦିଆଯିବା କେତେ ଦୂର ବିଜ୍ଞତାର କାର୍ଯ୍ୟ ହେବ, ଶିକ୍ଷା ମନ୍ତ୍ରଣାଳୟର ପ୍ରତ୍ନତତ୍ତ୍ୱ ଦାୟିତ୍ୱରେ ଥିବା ମୋର ସହକର୍ମୀ ବନ୍ଧୁମାନଙ୍କ ସହିତ ମୁଁ ଏ ବିଷୟରେ ଆଲୋଚନା କରିବି । ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରାଗଲେ ମନ୍ଦିର ଉପରକୁ ନଯାଇ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକ ପୂର୍ଣ୍ଣମାତ୍ରାରେ ଦେଖିବା ସମ୍ଭବ ହୋଇପାରେ । ଏହା କେବଳ ଏକ ଭାବନା ରୂପେ ଆଜି ମୋ ମନରେ ସ୍ଥାନ ପାଇଛି । ଯେତେବେ ଯାହା ହେଉ, କୋଣାର୍କ ମନ୍ଦିରରେ ଆଲୋକ ସଜ୍ଜା, ବେଳାଭୂମିରେ ସୁବିଧା ସୁଯୋଗର ବ୍ୟବସ୍ଥା ଓ ପର୍ଯ୍ୟଟନ ବଙ୍ଗଳା ଏବଂ ଭାରତ ସରକାରଙ୍କର ଅଧିକ ବ୍ୟୟ ସାପେକ୍ଷ ଆଧୁନିକତମ ବଙ୍ଗଳାଗୁଡ଼ିକରେ ରହିବା ବ୍ୟବସ୍ଥାର ସଂପ୍ରସାରଣ କରାଯିବା ଦ୍ୱାରା ବହୁସଂଖ୍ୟକ ପର୍ଯ୍ୟଟକ ଏହି ସ୍ଥାନ ପରିଦର୍ଶନ ନିମନ୍ତେ ଆକୃଷ୍ଟ ହେବେ । କାରଣ ବିଭିନ୍ନ ଶ୍ରେଣୀର ଅସୁକାଶମାନଙ୍କ ରହିବା ନିମନ୍ତେ ଆମକୁ ଯୋଜନା କରିବାକୁ ହେବ । କେବଳ ଧନୀ ବା ଦରିଦ୍ର ଲୋକଙ୍କପାଇଁ ନୁହେଁ, ସବୁସ୍ତରର ଲୋକଙ୍କ ସ୍ୱାଚ୍ଛନ୍ଦ୍ୟପାଇଁ ଆମକୁ ବ୍ୟବସ୍ଥା କରିବାକୁ ପଡ଼ିବ । ତେଣୁ ଚତୁର୍ଥ ଯୋଜନାରେ ରଖାଯାଇଥିବା ସୀମିତ ପରିମାଣ ଅର୍ଥ ବ୍ୟୟରେ ଆମକୁ ଏହି ଭଳି କେତେକ ଯୋଜନା କାର୍ଯ୍ୟକାରୀ



କରିବାପାଇଁ ଚେଷ୍ଟା କରିବାକୁ ପଡ଼ିବ । ବର୍ତ୍ତ
ପର୍ଯ୍ୟଟନ ଉନ୍ନୟନ କମିଟିର ପୁନର୍ଗଠନ
ସଂପ୍ରସାରଣ କରାଯାଉଥିବା ସମ୍ପର୍କରେ ମୁଁ ଜାଣି
ପାଇଛି ଏବଂ ଆଶାକରୁଛି ଯେ ଏହି କମିଟି
ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି
ପର୍ଯ୍ୟଟନ ସହିତ ବିଶେଷଭାବେ ସଂପୃକ୍ତ ସର
ତଥା ବେସରକାରୀ ସଂସ୍ଥାର ପ୍ରତିନିଧିମାନେ
ପାଇବେ ବୋଲି ମୋର ବିଶ୍ୱାସ ।

ମୁଁ ସବୁବେଳେ କହି ଆସିଛି ଯେ ଦିଲ୍ଲୀରେ
ସାରା ଭାରତରେ ପର୍ଯ୍ୟଟନ ବ୍ୟବସ୍ଥାକୁ ପରିଚାଳ
କରିବା ସମ୍ଭବପର ନୁହେଁ । ଭାରତ ପରି ଏକ ବି
ଦେଶରେ ସେପରି କରିବା ସହଜ ସାଧ୍ୟ ନୁହେଁ
କାରଣ ଦିଲ୍ଲୀଠାରୁ ପର୍ଯ୍ୟଟନସ୍ଥଳୀମାନଙ୍କର ଦୂର
ବହୁତ ବେଶୀ । ତେଣୁ ପର୍ଯ୍ୟଟନ ବ୍ୟାପା
ତତ୍ତ୍ୱାବଧାନପାଇଁ ବହୁ ସଂଖ୍ୟକ କର୍ମଚାରୀ
ଆବଶ୍ୟକ । ଯଦି କୌଣସି ବ୍ୟକ୍ତି ଭାବୁଥାନ୍ତି
ଦିଲ୍ଲୀ ସଚିବାଳୟରେ କେବଳ ବସିବାଦ୍ୱାରା
ଏହି ଭଳି କାର୍ଯ୍ୟରେ ଅଗ୍ରଗତି କରାଇ ପାର
ତେବେ ତାହା ଏକ ଭ୍ରାନ୍ତଧାରଣା । ଭାରତ ସରକା
ରାଜ୍ୟ ସରକାର ଓ ପର୍ଯ୍ୟଟନ ସହିତ ସଂପୃ
ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର କାର୍ଯ୍ୟ ପଦ୍ଧତି
ସମନ୍ୱୟ ରହିବା ଦରକାର । ଭାରତରେ ପର୍ଯ୍ୟ
ସମ୍ଭାବନାଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ି
ଅନ୍ୟତମ ବୋଲି ମୋର ଦୃଢ଼ ବିଶ୍ୱାସ ।
ଆଶାକରେ ଯେ ଓଡ଼ିଶାର ପର୍ଯ୍ୟଟନ ଉନ୍ନ
କମିଟି ପର୍ଯ୍ୟଟନ କାର୍ଯ୍ୟକଳାପର ଉତ୍ତରୋତ୍ତ
ଅଭିବୃଦ୍ଧି ଦିଗରେ ଉପଯୁକ୍ତ ଧ୍ୟାନ ଦେବେ
ଆପଣମାନେ ସମସ୍ତେ ପର୍ଯ୍ୟଟନର ବିକାଶ ଦି
ବିଶେଷ ଆଗ୍ରହୀ ହୋଇଥିବାରୁ ଉଦ୍ଦେଶ୍ୟ
ସେଥିପ୍ରତି ଆପଣମାନଙ୍କର ଆଗ୍ରହ ଆହୁରି ବୃ
ପାଇବ ବୋଲି ମୋର ଆଶା ।

ପ୍ରଫେସର ଭି. କେ. ଆର୍. ଭି. ରାଓ

### ଛାତ୍ର-ନେତାମାନଙ୍କ ଉଦ୍ଦେଶ୍ୟରେ—

# ସାମାଜିକ ଓ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୁଅ

ଗତ ଜାନୁଆରୀ ମାସ ୯ ତାରିଖ ଦିନ ଅନୁଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କେନ୍ଦ୍ର ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ପ୍ରଫେସର ଭି. କେ. ଆର୍. ଭି. ରାଓ ଯେଉଁ ଦୀକ୍ଷାନ୍ତ ଭାଷଣ ଦେଇଥିଲେ ତାହାର ଏକ ସଂକ୍ଷିପ୍ତ ପାଠ ନିମ୍ନରେ ପ୍ରଦତ୍ତ ହେଲା ।

ଆମେ ଏକ ସ୍ୱାଧୀନ ଜାତି ଭାବରେ ବର୍ତ୍ତମାନ ଆମ ଜୀବନର ଏକୋଇଶ ବର୍ଷ ଅତିବାହିତ କରିଛୁ ଏବଂ ଏକ ସାର୍ବଭୌମ ଗଣତାନ୍ତ୍ରିକ ଜନରାଷ୍ଟ୍ର ଭାବରେ ଊଣେଇଶ ବର୍ଷ ସମ୍ପୂର୍ଣ୍ଣ କରିବାକୁ ଯାଉଛୁ । ତେଣୁ ପ୍ରକାରାନ୍ତରେ ସଦର୍ଭ ଆମ ଜାତି ଗ୍ରାଜୁଏଟ୍ ଡିଗ୍ରୀ ପାଇଛି ବୋଲି କୁହାଯାଇ ପାରିବ ନାହିଁ, ତଥାପି ଆମ ଜାତିକୁ ଏହି ବର୍ଷ ବୟସ ହେଲା ବୋଲି କୁହାଯାଇ ପାରେ । ତେଣୁ ଏହି ସମସ୍ତ ଭିତରେ ଆମେ କ'ଣ ହାସଲ କରିଛୁ ତାହାର ସମୀକ୍ଷା କରିବା ଏବଂ ତା' ପରେ ଆମେ ଆଜି ଯେଉଁ ସମସ୍ୟାଗୁଡିକର ସମ୍ମୁଖୀନ ହୋଇଛେ ତାହା ଆଲୋଚନା କରିବା ଅସମୀଚୀନ ହେବ ନାହିଁ ।

ପ୍ରଥମତଃ, ବହୁ ବିଷାଦପୂର୍ଣ୍ଣ ଘଟଣା ଯଥା, ଦୁଇଟି ପ୍ରଧାନ ମନ୍ତ୍ରୀଙ୍କ ମୃତ୍ୟୁ ଏବଂ ତିନି ବର୍ଷ ମଧ୍ୟରେ ଆମ ଦେଶ ଉପରେ ଦୁଇଟି ବହିରାକ୍ରମଣ ଘଟିଯାଇ-ଥିଲେହେଁ ଭାରତ ତା'ର ସାର୍ବଭୌମତ୍ୱ ଯେ କେବଳ ରକ୍ଷା କରିପାରିଛି ସେତିକି ନୁହେଁ, ବରଂ ତା'ର ଗଣତନ୍ତ୍ର, ଆଇନର ଶାସନ ଓ ନାଗରିକ ସ୍ୱାଧୀନତା ରକ୍ଷା କରିପାରିଛି । ଆମେ ପୃଥିବୀର ବିଭିନ୍ନ ଅଞ୍ଚଳ ପ୍ରତି, ବିଶେଷତଃ ଯେଉଁ ରାଷ୍ଟ୍ରଗୁଡିକ ଆମପରି ଦ୍ୱିତୀୟ ମହାଯୁଦ୍ଧ ପରେ ସ୍ୱାଧୀନତା ପାଇଥିଲେ ଓ ଯେପରି ସେହି ଦେଶମାନଙ୍କରେ ଗଣତନ୍ତ୍ର, ନାଗରିକ ସ୍ୱାଧୀନତା ଓ ଆଇନର ଶାସନ ଭୁଷୁଡ଼ି ପଡ଼ିଛି, ସେଥିପ୍ରତି ଦୃଷ୍ଟିପାତ କଲେ ଦେଖିବା ଯେ ଆମର ଏହି

ସାଫଲ୍ୟ କୌଣସିମତେ ନ୍ୟୁନ ନୁହେଁ । ଏହି ସମସ୍ତ ଭିତରେ ଯେ ଯଥେଷ୍ଟ ଅର୍ଥନୈତିକ ବିକାଶ ଘଟିଛି ଓ ଆମେ ଆଜି ଯେ ପୃଥିବୀର ପ୍ରଧାନ ଶିଳ୍ପସମୃଦ୍ଧ ରାଷ୍ଟ୍ରମାନଙ୍କ ମଧ୍ୟରେ ଅନ୍ୟତମ ଏ କଥା ସ୍ୱୀକାର କରିବାକୁ ହେବ । ଅଳ୍ପ କେତେ ବର୍ଷ ହେଲା, ବହୁଯୁଗର କୃଷି ପଦ୍ଧତିରୁ ମୁକ୍ତ ହୋଇ ଆମର କୃଷି-କାର୍ଯ୍ୟ ନୂତନ ପଦ୍ଧତି ଅନୁସରଣ କରି ଯଥାର୍ଥରେ ଏକ ସବୁଜ 'ବିପ୍ଳବ' ଆଣିବା ଦିଗରେ ଆଗେଇ ଚାଲିଛି । ସାହିତ୍ୟ ବିଜ୍ଞାନ ବା ବୈଷୟିକ କ୍ଷେତ୍ରରେ ଶିକ୍ଷାଗତ ସୁଯୋଗର ବିଶେଷ ପ୍ରସାର ଘଟିଛି, ଡାକ୍ତରୀ ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ବ୍ୟବସ୍ଥାର ପ୍ରସାର ଘଟିଛି ଓ ଭାରତରେ ଆୟୁଷର ମାନ ଏକୋଇଶ ବର୍ଷ ପୂର୍ବେ ଯାହା ଥିଲା ତାହାଠାରୁ ଯଥେଷ୍ଟ ବୃଦ୍ଧି ପାଇଛି ।

ମୋତେ କେହି ଭୁଲ-ବୁଝିବା ମୁଁ ଚାହେଁ ନାହିଁ । ମୁଁ କହୁନାହିଁ ଯେ, ଯେଉଁ କଳ୍ପନା ନେଇ ଆମେ କାର୍ଯ୍ୟାରମ୍ଭ କଲେ ସେ କଳ୍ପନା ଆଜି ବାସ୍ତବରେ ରୂପାନ୍ତରିତ ହୋଇଛି ଅଥବା ଆମେ ଯେଉଁ ଅଗ୍ରଗତି କରିଛୁ ତାହା ଆମର ଆବଶ୍ୟକତାନୁଯାୟୀ ପ୍ରଚୁର ବା ଆମ ଆକାଂକ୍ଷାନୁସାରେ ସନ୍ତୋଷଜନକ । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖର ମଧ୍ୟରାତ୍ରିରେ ଜବାହରଲାଲ ନେହରୁ ଆମର 'ଭାଗ୍ୟସହ ଚୁକ୍ତି' ବିଷୟ କହି ଜାତି ସମ୍ମୁଖରେ ଯେଉଁ ଏକ ନୂତନ ସମାଜ —ଯେଉଁ ସମାଜରେ ଦାରିଦ୍ର୍ୟ ରହିବ ନାହିଁ, ଯେଉଁଠି ମନୁଷ୍ୟ ସମ୍ମାନିତ ହୋଇ ରହିପାରିବ ଏବଂ ପ୍ରତ୍ୟେକ ଭାରତୀୟ ନିଜର ଚରମ ବିକାଶପାଇଁ ସୁଯୋଗ ପାଇବାରେ ସମର୍ଥ ହେବେ,— ଗଠନର ଦାୟିତ୍ୱ ଉପସ୍ଥାପିତ କରିଥିଲେ ଏବଂ ଯେଉଁ ଲକ୍ଷ୍ୟକୁ ଆମେ ଆମପାଇଁ ସ୍ଥାପନ କରିଥିଲୁ, ସେହି ଲକ୍ଷ୍ୟଠାରୁ ଆମେ ଏବେ ମଧ୍ୟ ବହୁ ଦୂରରେ ଅଛୁ । ସେ କର୍ତ୍ତବ୍ୟ ସଂପାଦିତ ହେବାକୁ ତଥାପି ବାକି ଅଛି ଏବଂ ମୋର ଭାଷଣର ଅବଶିଷ୍ଟ ଭାଗରେ ସେ ବିଷୟରେ କିଛି କହିବାକୁ ମୁଁ ଆଶା କରୁଛି । ଦର୍ଶାଇବାକୁ ଚାହେଁ ଯେ, ଆମେ ଯାହା ହାସଲ ପାରି ନାହିଁ ସେ ବିଷୟରେ ବ୍ୟସ୍ତରହି ଯାହା ହା କରିଛୁ ତାକୁ ଭୁଲିଯିବା ବା ଅସ୍ୱୀକାର କରି ଅନୁଚିତ । ଆତ୍ମ-ସମୀକ୍ଷା ଏକ ଭଲ କଥା, ଆତ୍ମନ୍ୟୁନତା ନୁହେଁ । ଆମ ନିଜ ଆତ୍ମ-ବିଶ୍ୱା ଜାଣିଶୁଣି ଆମେ ନଷ୍ଟ କରିଦେବା ବା ହରାଇ ଦେ ଉଚିତ ହେବ ନାହିଁ । ଏ କଥା ନିଶ୍ଚିତ ଯେ ଗ ୨୧ ବର୍ଷ ଭିତରେ ଆମେ ପଛେଇ ଯାଇନାହୁଁ ବାସ୍ତବରେ ଆମେ ଆଗେଇଛୁ, କିନ୍ତୁ ଆବଶ୍ୟକତାନୁଯାୟୀ ଅବଶ୍ୟ ନୁହେଁ । ଆମର ବର୍ତ୍ତମାନର ସ୍ଥି ସଂବନ୍ଧରେ 'ପର୍ଯ୍ୟାଲୋଚନ, ଏବଂ ଦ୍ରୁତ ସନ୍ତୋଷଜନ ଅଗ୍ରଗତି ପାଇଁ ଆମେ କ'ଣ କରିବା ଉଚିତ, ଏହି ବର୍ତ୍ତମାନ ଆମର ଆବଶ୍ୟକ ।

ଆର୍ଥିକ ସମସ୍ୟା ହେଉଛି ଆମର ମୂଳ ସମସ୍ୟା ଆମର ବଡ଼ ରୋଗ ହେଉଛି ଦାରିଦ୍ର୍ୟ ଏବଂ ଆମ ସବୁଠାରୁ ବଡ଼ ଶତ୍ରୁ ହେଉଛି ବେକାରୀ । ଆମେ ଯ ଦେଶର ପ୍ରତ୍ୟେକ ସକ୍ଷମ ବ୍ୟକ୍ତି ପାଇଁ କର୍ମ ଯୋଗା ନିଶ୍ଚିତ ନ ଦେଉ, ସବୁ ନିମ୍ନ ଉପଯୁକ୍ତ ଖାଦ୍ୟ ଲୁଗାପଟା, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତି ସୁବିଧା ନ କରୁ, ତେବେ ଯେଉଁ ଲକ୍ଷ୍ୟ ନେଇ ଆମେ ଜାତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଉଦ୍‌ବୁଦ୍ଧ ହୋଇ ଥିଲୁ, ସେହି ଲକ୍ଷ୍ୟ ଏକ ଫାଙ୍କା ସ୍ୱପ୍ନରେ ରହିଯିବ । ଅର୍ଥନୈତିକ ବିକାଶର ଅର୍ଥ ହେଉ ଉଚ୍ଚହାରର ବ୍ୟକ୍ତିଗତ ସଞ୍ଚୟ, ଉଚ୍ଚହାରର ବ୍ୟକ୍ତିଗତ ପୁଞ୍ଜି ବିନିଯୋଗ, ସବୁ ଅର୍ଥନୈତି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ବିଦ୍ୟା ଉପଯୋଗ, ଉଚ୍ଚକୋଟୀର ପରିଚାଳନାଗତ ଦକ୍ଷ ଏବଂ ସହଯୋଗର ଶୃଙ୍ଖଳା ଓ କାର୍ଯ୍ୟ କରି ପାଇଁ ନିଜକୁ ଉତ୍ସର୍ଗ କରିବାର ମନୋବୃତ୍ତି । ଯା ବିନା ନିମ୍ନ ସ୍ତରରେ ଥିବା ଆମର ଅର୍ଥନୀତିକୁ ଉନ୍ନ ହେବ ନାହିଁ । ପ୍ରଧାନ ମନ୍ତ୍ରୀଙ୍କ ଭାଷାରେ ଆମର

ସ୍ୱାଧୀନତାକୁ ବାସ୍ତବ ରୂପ ଦେବା ପାଇଁ ବିକାଶ ନିମିତ୍ତ ଆମକୁ ଉକ୍ତ ଆବଶ୍ୟକତା ପ୍ରତି ଧ୍ୟାନ ଦେବାକୁ ପଡ଼ିବ ।

ଦୁର୍ଭାଗ୍ୟର କଥା ଯେ ଆମ ୨୧ ବର୍ଷ ସ୍ୱାଧୀନତାର ଶେଷ ଭାଗକୁ ଦେଶ ମୂଳ ଅର୍ଥନୈତିକ ବିଷୟ ଅନ୍ୟ ବିଷୟ ଆଡ଼କୁ ଭୁଲିଯାଇଛି ଏବଂ ଏହି ବିଷୟଗୁଡ଼ିକ ସୁଦୃଷ୍ଟିରୁ ଯଦିଓ ଯଥାର୍ଥ, ତଥାପି ଏଗୁଡ଼ିକ ଦାରିଦ୍ର୍ୟ ଓ ବେକାରି ସମସ୍ୟା ଦୂର କରିବାରେ ଆମର ସହାୟକ ହୋଇନାହାନ୍ତି । ଫଳତଃ, ଜାତୀୟ ବିଭେଦ ସୃଷ୍ଟିକାରୀ ଓ ଆର୍ଥିକ ଅଣଉତ୍ପାଦିକା ଶକ୍ତିଗୁଡ଼ିକ, ଯଥା: ଜାତିଆଣଭାବ, ଭାଷାଗତ ଆଞ୍ଚଳିକତା ଓ ସାଂପ୍ରଦାୟିକତା ଭାବ ଜୋରସୋର ଗଢ଼ିବା ଫଳରେ ଜନସାଧାରଣଙ୍କର ଦୃଷ୍ଟି ବେଶି ବେଶି ନିବଦ୍ଧ ହେଉଛି । ଶିଳ୍ପକରଣ ଓ ଆଧୁନିକତା ଫଳରେ ନୂତନ ଗୋଷ୍ଠୀ ସୃଷ୍ଟି ହେବା ପର୍ଯ୍ୟନ୍ତ, ସଂକୀର୍ଣ୍ଣତା ଓ ଉଗ୍ରବାଦକୁ ଛାଡ଼ି, ଜାତି ପ୍ରଥା ଏକ ସାମାଜିକ ଅନୁଷ୍ଠାନ ଭାବରେ ସାମାଜିକ ଉଦ୍ଦେଶ୍ୟ ସାଧନ ପାଇଁ ଲୋକମାନଙ୍କୁ ଗୋଷ୍ଠୀ ଗଠନ କରିବାର ସୁଯୋଗ ଦିଏତ ଦେଇପାରେ । କିନ୍ତୁ ନିର୍ବାଚନ ବା ଚାକିରି କ୍ଷେତ୍ରରେ ଜାତି କ'ଣ କରିବାର ଅଛି ତାହା ମୁଁ ବୁଝିପାରୁନାହିଁ । ସ୍ଥାନୀୟ ସଂସ୍ଥା ବା ବିଧାନ ସଭା ନିର୍ବାଚନ ପାଇଁ କିମ୍ବା ସରକାରୀ ବା ବେସରକାରୀ ଅନୁଷ୍ଠାନରେ ଚାକିରି ପାଇଁ ଯୋଗ୍ୟତା ହିସାବରେ ଜାତି ପ୍ରଶ୍ନ ଉଠିବା ସଂପୂର୍ଣ୍ଣ ଅସଂଗତ । ବାସ୍ତବରେ, ଆମ ଜନଗଣନାରେ ଏବେ ଜାତି ବିଷୟ ଉଲ୍ଲେଖ କରାଯାଉ ନାହିଁ । ଆଉମଧ୍ୟ ମୁଁ ଯେତେଦୂର ଜାଣେ, ଚାକିରି ପାଇଁ ଆବେଦନ ଫର୍ମରୁ ଜାତି ବିଷୟ ଉଠାଇ ଦିଆଯାଇଛି । ତଥାପି ମଧ୍ୟ ପ୍ରତିଦିନ ଜାତି ଉପରେ ଗୁରୁତ୍ୱ ଅଧିକରୁ ଅଧିକ ପ୍ରବଳ ହେଉଛି । ସେହିପରି ଗଣତାନ୍ତ୍ରିକ ସଂସ୍ଥାମାନ କାର୍ଯ୍ୟ କରିବା ପାଇଁ ବା ଶିକ୍ଷାଗତ ଦକ୍ଷତା ବୃଦ୍ଧି ନିମନ୍ତେ ଭାଷାର ସ୍ଥାନ ଅଛି; କିନ୍ତୁ ଗୋଷ୍ଠୀଗତ ଉଗ୍ରତା ବା ଏକ ଅଞ୍ଚଳରେ ରହୁଥିବା ଅନ୍ୟ ଭାଷାଭାଷୀ ଲୋକଙ୍କ ବିରୁଦ୍ଧରେ ଘୃଣାର ପ୍ରସାର ଘଟାଇବା ପାଇଁ ଯେ ଭାଷାକୁ ବ୍ୟବହାର କରାଯିବ ତାହା ମୁଁ ବୁଝି ପାରୁନାହିଁ ବା ଏହାର ଯଥାର୍ଥତା ଦେଖିପାରୁନାହିଁ । ତଥାପି ଏହି ଭାଷାଗତ ଭେଦ ଆଜି ଆମ ରାଜନୈତିକ ଜୀବନରେ ଯେ ଏକ ଉଲ୍ଲେଖନୀୟ ଅଂଶ ଗ୍ରହଣ କରିଛି କେବଳ ନୁହେଁ, ଆମ ଅର୍ଥନୈତିକ ଜୀବନରେ ମଧ୍ୟ ସେହିପରି ଆଞ୍ଚଳିକତା ଭାବର ଯଦିଓ ସେପରି କୌଣସି ଯଥାର୍ଥତା ନାହିଁ ତଥାପି ଜନ୍ମ ସ୍ଥାନ ହିସାବରେ ସେହି ଅଞ୍ଚଳ ପ୍ରତି ଜଣକର ସେବା ମନୋଭାବ ଓ ସ୍ୱତନ୍ତ୍ର ଅବଦାନ ଅବଶ୍ୟମ୍ଭାବୀ ବୋଲି ଧରି ନିଆଯାଇପାରେ । କିନ୍ତୁ ଏହି ଆଞ୍ଚଳିକତା ଭାବକୁ ଆନ୍ତଃ-ଆଞ୍ଚଳିକ ଈର୍ଷା ଓ ଶତ୍ରୁତା ପାଇଁ ତଥା କେନ୍ଦ୍ରରୁ ଅଧିକ ପ୍ରାପ୍ତି ପାଇଁ ପ୍ରତିଯୋଗିତା କ୍ଷେତ୍ରରେ ଅସ୍ତ୍ରରୂପେ ବ୍ୟବହାର କରିବା ଏକ ବିଷୟ ଯାହାକି ଜାତୀୟ ଏକତା ବା ଅର୍ଥନୈତିକ ଦକ୍ଷତା ସହିତ ଖାପ ଖାଉନାହିଁ । ଶେଷରେ ଧର୍ମ, ଯାହାକି ମନୁଷ୍ୟର ଆଧ୍ୟାତ୍ମ୍ୟ ଗୁଣର ଉତ୍କର୍ଷ ପାଇଁ ଏବଂ ମନୁଷ୍ୟ ମନୁଷ୍ୟ ଭିତରେ ଭ୍ରାତୃତ୍ୱ, ପରସ୍ପର ପ୍ରତି ସମ୍ମାନ ଓ ଶ୍ରଦ୍ଧା ସ୍ଥାପନ ପାଇଁ ଉଦ୍ଦିଷ୍ଟ, ସେହି ଧର୍ମର ବହୁ ଅନୁଗାମୀ ଭାରତରେ ଦଳଗତ ଘୃଣା, ଅକାମୀ ଓ ନୈତିକତାହୀନ କୁସଂସ୍କାର ଏବଂ ଦଳୀୟ ସଂଘାତ ସୃଷ୍ଟି କରିବାରେ ନିୟୋଜିତ । ଏପ୍ରକାର କର୍ମର ସାମାଜିକ ଯଥାର୍ଥତା ନାହିଁ ଏବଂ ଏହା ଜାତୀୟ ଐକ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧିର ପ୍ରତିକୂଳ । ଏହି ଉପାଦାନଗୁଡ଼ିକ, ଯଥା: ଜାତିଆଣ ଭେଦ, ଭାଷାଗତ ଭେଦ, ଆଞ୍ଚଳିକତା ଓ ସାଂପ୍ରଦାୟିକତା, ବାଳୁଙ୍କା ପରି ଦ୍ରୁତ ବଢ଼ୁଛନ୍ତି । ଯେଉଁ ହିଂସାତ୍ମକ ବାୟୁମଣ୍ଡଳ ସୃଷ୍ଟି ହେଉଛି ତା'ରି ଭିତରେ ହିଁ ଏମାନେ ବଢ଼ୁଛନ୍ତି । ଏହିସବୁର ଭିତରେ ଅର୍ଥନୈତିକ ବିକାଶହିଁ ବାଧାପ୍ରାପ୍ତ ହେଉଛି ଏବଂ ଯେତିକି ବିକାଶ ଘଟୁଛି ତାହା ଦେଶରେ ସାମାଜିକ ସ୍ଥିରତା ଓ ଜାତୀୟ ଏକତା ଆଣି ଦେଇ ପାରୁନାହିଁ ।

ଆଜି ଦେଶରେ ଯାହା ଘଟୁଛି, ତାର ଏଇ କରୁଣ ଚିତ୍ର ମୋର ଗ୍ରାଜୁଏଟ୍ ବନ୍ଧୁମାନଙ୍କ ଆଗରେ ଉପସ୍ଥାପିତ କରୁଥିବାରୁ ସେମାନେ ମୋତେ କ୍ଷମା କରନ୍ତୁ । ଏହା କରିବାକୁ ମୁଁ ବାଧ୍ୟ ହୋଇଛି କାରଣ ଆଜିର ଏ ପରିସ୍ଥିତିରେ ବେଶୀ କ୍ଷତିଗ୍ରସ୍ତ ହେବେ ଯୁବକମାନେ । ଆମେ ଯେଉଁ ସବୁ ପୁରୁଣା ଲୋକ ଅଛୁ, ସମସ୍ତେ ଯିବା ବାଟରେ ଏବଂ ହୁଏତ, ଏସବୁ ପ୍ରବୃତ୍ତିର ଚରମ କୁ-ପରିଣାମରୁ ଉଧୁରି ଯାଇପାରୁ । କିନ୍ତୁ ଯୁବକମାନଙ୍କ ପାଇଁ ଉଧୁରିବାର ବାଟ ନାହିଁ । ଏହି ପ୍ରବୃତ୍ତିକୁ ଏଡ଼ିବା ପାଇଁ ସେମାନେ କିଛି ନ କଲେ ସେମାନଙ୍କର ଯୌବନାବସ୍ଥା ଓ ତତ୍‌ସହ ଜଡ଼ିତ ସାର୍ଥ ଜୀବନର ବାସନା ଏହି ପରିଣାମର ସମ୍ମୁଖୀନ ହେବ । ଭାରତର ଉତ୍ତରାଧିକାରୀ ସେମାନେ ଏବଂ ଯାହା କିଛି ଫଳାଫଳ, ତାକୁ ସେମାନେ ହିଁ ଉପଭୋଗ କରିବେ । ଏହି ଫଳାଫଳ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇଥିବା କଳ୍ପନା ଅନୁଯାୟୀ ହେବ କି ଏହା ବିଘଟନ, ଅର୍ଥନୈତିକ ଅସାମର୍ଥ୍ୟ, ଧାରାବାହିକ ଦାରିଦ୍ର୍ୟ ଓ ବ୍ୟକ୍ତିର ବିକାଶ ପାଇଁ ସୁଯୋଗର ଅଭାବ ଆଣିଦେବ, ଏଇ ପ୍ରଶ୍ନ—ଯାହା ଆମେରିକା-ବାସୀଙ୍କ ମତରେ ଏକ 'ଚଉଷଠି ନିୟୁତ ଡଲାର ପ୍ରଶ୍ନ' ଦେଶ ଆଗରେ ଦେଖାଦେଇଛି ।

ମୁଁ ଏକ ଧର୍ମ ସମ୍ବନ୍ଧୀୟ ବକ୍ତୃତା ଦେବାକୁ ବା ଯୁବକମାନଙ୍କୁ ଅକାରଣ ଉପଦେଶ ଦେବାକୁ ଚାହେଁ ନାହିଁ । ବରଂ ମୁଁ ସେମାନଙ୍କୁ ନିବେଦନ କରିବି । ଆପଣଙ୍କ ପରି ଯେଉଁମାନେ ଗ୍ରାଜୁଏଟ ଅଛନ୍ତି ଏବଂ ଅନ୍ୟ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟମାନେ ହେଉଛନ୍ତି ଏକ ପ୍ରକାର ଲୋକ ଯେଉଁମାନେ କି ଶିକ୍ଷାଗତ ତାଲିମ ପାଇଛନ୍ତି । ଆପଣଙ୍କର ବିଚାର ଓ ବିଶ୍ଳେଷଣ କରିବା ଶକ୍ତି ମଧ୍ୟ କିଛି ତାଲିମ ପାଇଛି । ଆପଣମାନେ ଅଧିକ ବିଚାର ସଂପନ୍ନ ଓ ବାସ୍ତବବାଦୀ ହୋଇପାରିବେ । ଗୋଟିଏ ଦେଶ ଭାବରେ ଭାରତ କ'ଣ ବୁଝାଏ ଏବଂ

ଜାତୀୟ ବିକାଶରେ ଅର୍ଥନୈତିକ ଦକ୍ଷତାର ଭୂମି
କ'ଣ ସେ ବିଷୟରେ ଆପଣଙ୍କର ଅଧିକ ଧାର
ଅଛି । ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ଓ ହଠାତ୍ କୌ
ଲାଭ ଦୃଷ୍ଟିରୁ କିଛି ପ୍ରଭାବଶାଳୀ ହେଲେ
ବାସ୍ତବରେ ଜାତିଆଣ ପ୍ରଥା, ଭାଷାଗତ ଭେ
ଆଞ୍ଚଳିକତା ଓ ସାଂପ୍ରଦାୟିକତା ପ୍ରଭୃତି ପ୍ରବୃ
ମାନଙ୍କର ଧ୍ୱଂସକାରୀ ଶକ୍ତି ଓ ଅନାବଶ୍ୟକତା ଏ
ଆପଣମାନେ ହିଁ ବେଶୀ ବୁଝିପାରିବେ । 'ସବୋଦ
ମୋ ପରି ସମାବର୍ତ୍ତନ ଭାଷଣ ଦେବାକୁ ଅଫିସିଆ
ବ୍ୟକ୍ତିଙ୍କ ଅପେକ୍ଷା ଦେଶ ପାଇଁ ଆପଣଙ୍କର ଏ
ବିରାଟ ଋଣ ରହିଛି । ଏହିସବୁ ଖଳ ପ୍ରବୃତ୍ତିର ପ୍ରତିରୋ
ପାଇଁ ଏହି ସବୁର ଅନାବଶ୍ୟକତା ଓ ବର୍ତ୍ତମାନ ସ
ତଥା ଭବିଷ୍ୟତର କ୍ଷତିକାରକ ପରିଣାମ ସଂପର୍କରେ
ବୟୋଜ୍ୟେଷ୍ଠମାନଙ୍କୁ ଶିକ୍ଷାଦେବା ନିମନ୍ତେ ଏ
ଆନ୍ଦୋଳନ କରିବା କ'ଣ ଯୁବ ସମାଜ ପକ୍ଷରେ ସମ୍ଭ
ନୁହେଁ ଏବଂ ଯେଉଁ ଦରିଦ୍ର ନାଗପୁଣ ଜାତିପ୍ରଥା,
ଭାଷାଗତ ଭେଦ, ଆଞ୍ଚଳିକତା ଓ ସାଂପ୍ରଦାୟିକତାରୁ
କିଛି ଉପକାର ପାଆନ୍ତି ନାହିଁ ବରଂ ଯେଉଁମାନେ
ଅଜ୍ଞତା ବଶତଃ ଅନ୍ୟର ଶିକାର ହୋଇଥାନ୍ତି
ଏ ପ୍ରକାର ଧ୍ୱନି ଦେଉଥିବା ବ୍ୟକ୍ତି ବା ଗୋଷ୍ଠୀ ଦ୍ୱାର
କୁପରିଚାଳିତ ହୋଇ ସେମାନଙ୍କର ସ୍ୱାର୍ଥ ସିଦ୍ଧି ପାଇଁ
କାମ କରିଥାନ୍ତି, ସେମାନଙ୍କର ସେବା କରିବାକୁ
ଯୌବନ ସୁଲଭ ଉତ୍ସାହ ଓ ଉତ୍ତେଜନା ନେଇ ଗଠନ
ମୂଳକ କାର୍ଯ୍ୟକ୍ରମରେ ଲିପ୍ତହେବା କ'ଣ ସମ୍ଭବ ନୁହେଁ ?
ଏ ଦେଶରେ ଅନେକ ଛାତ୍ର ଅଶାନ୍ତି ଦେଖା ଦେଉଛି ।
ଛାତ୍ର ଉତ୍ତେଜନା ଓ ଛାତ୍ର ବିଶୃଙ୍ଖଳା ବହୁବାର ପ୍ରଦର୍ଶିତ
ହୋଇଛି । କିନ୍ତୁ ଅର୍ଥନୈତିକ ବିଫଳତା ଓ ଜାତିର
ସଂହତି ବିପନ୍ନ କରୁଥିବା ବୃହତେ ଟି ଶକ୍ତିକୁ ପ୍ରତିହ
କରିବାର ପ୍ରୟାସ ଏ ସବୁରେ ପ୍ରଦର୍ଶିତ ହେବାର ମୁଁ
ଦେଖିନାହିଁ । ସାଥୀ ଛାତ୍ରମାନଙ୍କ ଭିତରେ ସାମାଜିକ
ଓ ଜାତୀୟ ଚେତନାର ପ୍ରେରଣା ସୃଷ୍ଟି କରିବା ଭଳି
କାର୍ଯ୍ୟ ପ୍ରତି ଧ୍ୟାନ ଦେବା ଛାତ୍ର ନେତାମାନଙ୍କ ପକ୍ଷରେ

ସମ୍ଭବ ନୁହେଁ କି ? ଯୁବ ସମାଜର ମହତ୍ ପ୍ରବୃତ୍ତିଗୁଡ଼ିକୁ ଉତ୍ତେଜିତ କରାଇବା ନିମନ୍ତେ ଭାରତରେ ଯେତେ ସୁବିଧା ଅଛି, ଅନ୍ୟ କେଉଁ ଦେଶରେ ନାହିଁ । ଯଦି ପୁରୁଣା ଲୋକେ ଖରାପ, ତେବେ ସେଥିରେ ସେମାନେ ଚିନ୍ତିତ ହେବେ କାହିଁକି ? ପୁରୁଣା ବୁଢ଼ା ଲୋକମାନେ ଚାଲିଯିବେ, କିନ୍ତୁ ଯୁବ ସମାଜ ରହିଯିବ । ଆଜି ଦେଶକୁ ଯେଉଁ ବ୍ୟାଧି ଗ୍ରାସ କରିଛି ସେ ବିଷୟରେ ଯୁବ ସମାଜ ଗମ୍ଭୀର ଚିନ୍ତା କରିବାର ସମୟ ଆସିଛି ଏବଂ ଏହାପରେ କିଛି କରିବା ପାଇଁ ସେମାନେ ଅଗ୍ରସର ହେବା ଉଚିତ । ଦେଶକୁ ରକ୍ଷା କରିବା ନିମନ୍ତେ ଯୁବକମାନଙ୍କୁ ଖୁବ୍ ଖଟିବାକୁ ପଡ଼ିବ ଏବଂ ନିଜର ଆଦର୍ଶ ଦ୍ୱାରା ଅନ୍ୟ ଲୋକମାନଙ୍କୁ ଶିଖାଇବାକୁ ପଡ଼ିବ । ଆମ ଜାତିର ପ୍ରତିଷ୍ଠାତାମାନଙ୍କୁ ଯେଉଁ ଆଦର୍ଶ ଉଦ୍‌ବୁଦ୍ଧ କରିଥିଲା, ସେହି ଆଦର୍ଶର ପୁନରୁଦ୍ଧାର ପାଇଁ ମୁଁ କେବଳ ଯୁକ୍ତି ବାଢ଼ୁଛି । ମୋର ଦୃଢ଼ ବିଶ୍ୱାସ, ଯୁବ ସମାଜ ହିଁ କେବଳ ଏହି ଆଦର୍ଶର ପୁନରୁଦ୍ଧାର କରି-ପାରିବ । ଏଇ ବର୍ଷଟି ଗାନ୍ଧୀ ଶତବାର୍ଷିକୀ ବର୍ଷ । ଆମର ଯୁବକମାନେ, ଦେଶର ବୟସ୍କ ବ୍ୟକ୍ତିଙ୍କ ସମେତ ପୃଥିବୀକୁ ଦେଖାଇ ପାରିବେ ଯେ ଗାନ୍ଧୀବାଦ କେବଳ ବାହାର ପାଇଁ ଉଦ୍ଦିଷ୍ଟ ନୁହେଁ । ଶାନ୍ତି, ଅହିଂସା, ଧର୍ମନିରପେକ୍ଷତା, ସହନଶୀଳତା, ଗଭୀର ଦେଶ ପ୍ରୀତି ଏବଂ ଗରିବ ଲୋକଙ୍କ ସହିତ ନିଜକୁ ସମ ଦୃଷ୍ଟିରେ ଦେଖିବା ସଂପର୍କରେ ତାଙ୍କର ବାଣୀ ଆଜି ଭାରତ ପକ୍ଷରେ ପୂର୍ବାପେକ୍ଷା ବେଶୀ ଆବଶ୍ୟକ । ଭାରତୀୟ ଭାବରେ ଚିନ୍ତା କରିବା, ଭାରତ ଉପମହାଦେଶରୁ ଦାରିଦ୍ର୍ୟର ବିତାଡ଼ନ ଓ ଭାରତୀୟମାନଙ୍କ ପାଇଁ ମାନବିକ ସମ୍ମାନ—ଏହି ଲକ୍ଷ୍ୟଗୁଡ଼ିକୁ ନିଶ୍ଚୟ କେହି ଅସ୍ୱୀକାର କରିପାରିବେ ନାହିଁ । ଯୁବକମାନଙ୍କୁ ଏହିସବୁ ଲକ୍ଷ୍ୟ ହାସଲ ଦିଗରେ ଲଗାଇବା ନିମନ୍ତେ କର୍ମସୂଚୀ ତିଆରି କରିବା ସମ୍ଭବ ନୁହେଁ କି ? ଭାରତର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଆଜି ଏକ ବିରାଟ ନୂତନ ଆନ୍ଦୋଳନ ଆବଶ୍ୟକ । ରାଜନୈତିକ କ୍ଷମତା ବା ସରକାରୀ କଳର ନିୟନ୍ତ୍ରଣ କିମ୍ବା ବିରୋଧି ଦଳର ରାଜନୀତି ଏ ଅଭିବୃଦ୍ଧି ଆଣି ଦେବେ ନାହିଁ । ଏ ଅଭିବୃଦ୍ଧି ପଥକୁ ଯେଉଁ ମାନସିକ ପ୍ରତିବନ୍ଧକ ଅବରୋଧ କରୁଛି, ତାକୁ ଭାଙ୍ଗିଦେବା ଦରକାର । କେବଳ ଯୁବ ସମାଜ ହିଁ ଏହି ନୂତନ ଚେତନା ସୃଷ୍ଟି କରି ପାରିବ । ଏହା କରିବାରେ ସେମାନଙ୍କର ହିଁ ଏକ ଦୀର୍ଘ-ମିଆଦି ବାସ୍ତବ ସ୍ୱାର୍ଥ ରହିଛି । ମୋର ଦୃଢ଼ ବିଶ୍ୱାସ ଯେ, ଯୁବକମାନେ ସେମାନଙ୍କ ଉତ୍ତରାଧିକାରର ଆହ୍ୱାନକୁ ଶୁଣି ପାରିବେ ଏବଂ ଯେଉଁଠି ଆମେ ପୁରୁଣା ବୟସ୍କ ଲୋକ ବିଫଳ ହୋଇଛୁ ସେଠାରେ ସେମାନେ କୃତକାର୍ଯ୍ୟ ହେବେ ।

ମୋର ଏହି ଭାବଧାରା ସହିତ ଆପଣମାନେ ଯଦି ଏକମତ ହୁଅନ୍ତି ତେବେ ମୁଁ ଯାହା କହୁଛି ତାକୁ କାର୍ଯ୍ୟକାରୀ କରିବା ପାଇଁ ଆପଣ କିପରି କାମ କରିବେ ସେ ବିଷୟରେ ହୁଏତ ମୋତେ ପଚାରି ପାରନ୍ତି । ମୁଁ ଜାଣିଶୁଣି ଏ ବିଷୟ କହି ନ ଥିଲି, କାରଣ ମୋ ମତରେ ଏ ବିଷୟରେ ଚିନ୍ତା କରିବା ଏବଂ ଆଗରୁ କହିଥିବା ଖଳ ପ୍ରବୃତ୍ତିଗୁଡ଼ିକ ବିରୁଦ୍ଧରେ ସଂଗ୍ରାମ ପାଇଁ ଉପଯୁକ୍ତ କର୍ମସୂଚୀ ପ୍ରସ୍ତୁତ କରିବା ତଥା ଜାତିକୁ ସୁସ୍ଥ ଦୃଷ୍ଟି ଶକ୍ତି ଦେବାର ଦାୟିତ୍ୱ ମୂଳତଃ ଆପଣ-ମାନଙ୍କର । ନିଜେ ଚିନ୍ତା କରିବାର ପ୍ରକ୍ରିୟା ଆପଣଙ୍କୁ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଶକ୍ତି ଓ ଦୃଢ଼ ବିଶ୍ୱାସ ଆଣିଦେବ ଏବଂ ଯେଉଁ ସମାଧାନ ପନ୍ଥାଗୁଡ଼ିକ ଆପଣ ବାହାର କରିବେ ତାହା ବେଶୀ କାର୍ଯ୍ୟକାରୀ ହେବ କାରଣ ସେଗୁଡ଼ିକ ଆପଣଙ୍କ ଚିନ୍ତାର ଫଳ । ତଥାପି ମୁଁ କେତେକ କର୍ମସୂଚୀ ବିଷୟ କହିବି ଯାହାକି ଆପଣମାନେ ବିଚାର କରିପାରନ୍ତି । ଗୋଟିଏ ହେଉଛି, ଆମ ଦେଶର ଅନେକ ଅଞ୍ଚଳରେ ଆମର ତଥାକଥିତ ହରିଜନମାନଙ୍କ ପ୍ରତି ଯେଉଁ ପ୍ରକାର ବ୍ୟବହାର

ଅବଶିଷ୍ଟାଂଶ ୧୬ ପୃଷ୍ଠା ଦେଖନ୍ତୁ

# ଦୁର୍ଦ୍ଦିନର ମୁକାବିଲା କରିବା ପାଇଁ ସଂଚୟ କରନ୍ତୁ

ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କରେ ଆଜି ଫିକ୍ସଡ୍ ଡିପୋଜିଟ୍ ଏକାଉଣ୍ଟ ଖୋଲନ୍ତୁ ।

*ଏହି ଏକାଉଣ୍ଟରେ ଟ ୫୦·୦୦ କରି ଜମା ଦିଆଯାଇ ପାରିବ

*ଜଣକିଆ ଏକାଉଣ୍ଟରେ ଟ ୨୫,୦୦୦ ଓ ଯୁଗ୍ମ ଏକାଉଣ୍ଟରେ ଟ ୫୦,୦୦୦ ଜମା ଦିଆଯାଇ ପାରିବ ।

*ପ୍ରତି ଟ ୫୦·୦୦ ଜମା ଉପରେ ୫ ବର୍ଷ ପରେ ଟ ୭୨·୫୦ ପଇସା ମିଳିବ ।

ଜମା ଟଙ୍କାରୁ ମିଳୁଥିବା ଲାଭ ଉପରେ ଆୟକର ପଡ଼େ ନାହିଁ

ବିଶେଷ ବିବରଣୀ ପାଇଁ ନିକଟତମ ଡାକଘରେ ଅନୁସନ୍ଧାନ କରନ୍ତୁ ।

ଲୋକ ସଂପର୍କ ନିର୍ଦ୍ଦେଶାଳୟ
ଭୁବନେଶ୍ୱର

ଡକ୍ଟର କରଣ ସିଂହ

# ଶୃଙ୍ଖଳାବୋଧ ଓ ସ୍ୱଦେଶପ୍ରୀତି ସହ ଦେଶ ଗଠନ କରନ୍ତୁ

## ଛାତ୍ର ସମାଜ ଉଦ୍ଦେଶ୍ୟରେ ଡକ୍ଟର କରଣ ସିଂହଙ୍କ ଉଦ୍‌ବୋଧନ

୧୯୭୯ ଜାନୁଆରୀ ତା ୧୮ ରିଖ ଶନିବାର ଦିନ ଅନୁଷ୍ଠିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଡକ୍ଟର କରଣ ସିଂହଙ୍କ ଦୀକ୍ଷାନ୍ତ ଭାଷଣ ।

ଦେଶ ସ୍ୱାଧୀନ ହେବା ପରେ ଯେଉଁ ବଂଶଧରମାନେ ବୟଃପ୍ରାପ୍ତ ହୋଇଛନ୍ତି ଓ ଯେଉଁମାନଙ୍କ ମନରେ ବିଦେଶୀ ଶାସନ ଖୁବ୍ ବେଶୀ ହେଲେ ଶୈଶବର ସ୍ମୃତିଭଳି ରହିଛି, ସ୍ୱାଧୀନତା ପରବର୍ତ୍ତୀ ସେହି ବଂଶଧରମାନଙ୍କ ମଧ୍ୟରୁ ଜଣେ ହୋଇ ଆଜି ମୁଁ ଆପଣମାନଙ୍କ ସମ୍ମୁଖରେ ଦଣ୍ଡାୟମାନ । ଯେଉଁ-ଛାତ୍ରଛାତ୍ରୀମାନଙ୍କୁ ମୁଁ ଆଜି ଉଦ୍‌ବୋଧନ ଦେଉଛି ସେମାନେ ମୋଠାରୁ କମ୍ ବୟସ୍କ ହେଲେ ସୁଦ୍ଧା ଆମେ ସମସ୍ତଙ୍କର ସ୍ୱାଧୀନତା ପରବର୍ତ୍ତୀ ସାଧାରଣ ଦୃଷ୍ଟିଭଙ୍ଗୀ ରହିଛି । ତେଣୁ ମୋର ଯାହା ବକ୍ତବ୍ୟ ମୁଁ ତାହା ଏଠାରେ ଉପସ୍ଥିତ ଥିବା ବିଶିଷ୍ଟ ଶିକ୍ଷାବିତ୍ ଓ ପିତାମାତାମାନଙ୍କୁ କହିବା ଅପେକ୍ଷା ଏହି ଶିକ୍ଷା-ପୀଠର ଜୀବନସ୍ରୋତ ଛାତ୍ରଛାତ୍ରୀମାନଙ୍କୁ କହିବାକୁ ଶ୍ରେୟସ୍କର ମନେ କରେ । ମୁଁ ବିଶେଷ ସୁଖୀ ଯେ ନିଜର ସମୃଦ୍ଧ ତଥା ପ୍ରଭାବଶାଳୀ ଐତିହ୍ୟ ଓ ଶିଳ୍ପ କ୍ଷେତ୍ରରେ ନୂତନ ଅଗ୍ରଗତି ଯୋଗୁଁ ସମ୍ବଲପୁର ଗୋଟିଏ ବିଶ୍ୱବିଦ୍ୟାଳୟ କେନ୍ଦ୍ରରେ ପରିଣତ ହୋଇ ପାରିଛି ଓ ଆଗାମୀ ବର୍ଷମାନଙ୍କରେ ନିର୍ମାଣପୀଠରୂପୀ ଏହି ବିଶ୍ୱବିଦ୍ୟାଳୟରେ ଆମର ଯୁବକଯୁବତୀ-ମାନଙ୍କର ମନ ଓ ହୃଦୟ ଗଠିତ ହେବ ।

ଆଜିର ଭାରତୀୟ ଯୁବକମାନଙ୍କଠାରେ ପୂର୍ବ ବଂଶଧର ଅର୍ଥାତ୍ ଯେଉଁମାନେ କି ଆମର ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇଥିଲେ ଓ ତ୍ୟାଗ କରିଥିଲେ ସେମାନଙ୍କର ସେହି ନିସ୍ୱାର୍ଥପର ସ୍ୱଦେଶପ୍ରୀତି ଓ

ଆତ୍ମୋତ୍ସର୍ଗର ଅଭାବ ରହିଥିବା କୁହାଯାଉଛି । ଆମର ତରୁଣ ବଂଶଧରମାନଙ୍କର ଆଗରେ ଭବିଷ୍ୟତର କୌଣସି ସ୍ପଷ୍ଟ ଚିତ୍ର ନଥିବା ଓ ଅଣ-ଗଠନ ମୂଳକ କାର୍ଯ୍ୟରେ ସେମାନେ ନିଜର ମାନସିକ ଓ ବୌଦ୍ଧିକ ଶକ୍ତିର ଅପଚୟ କରୁଥିବା ବିଷୟ ମଧ୍ୟ କୁହାଯାଉଛି । ଏହି ସମାଲୋଚନା କେତେକାଂଶରେ ଯଥାର୍ଥ ହୋଇ-ପାରେ, କିନ୍ତୁ ଆମେ ଯେ ଆମର ପୂର୍ବବର୍ତ୍ତୀମାନଙ୍କ ଅପେକ୍ଷା କୌଣସି ଗୁଣରେ ନିକୃଷ୍ଟ ତାହା ମୁଁ ସ୍ୱାଧୀନତା ପରବର୍ତ୍ତୀ ଯୁଗର ଲୋକ ହିସାବରେ ମାନି ନେବାକୁ ଅକ୍ଷମ । ଏହା ନିଶ୍ଚିତ ଯେ ଆଜି କେବଳ ଭାରତର ନୁହେଁ, ସମଗ୍ର ପୃଥିବୀର ଯୁବଶକ୍ତି ଅଶାନ୍ତ ହୋଇ ଉଠିଛି । ଗୋଟିଏ ପୁରୁଷ ମଧ୍ୟରେ ଆମ ସମାଜ ଓ ଆମ ଜୀବନଧାରଣ ପ୍ରଣାଳୀରେ ବିରାଟ ପରିବର୍ତ୍ତନ ସଂଘଟିତ ହେବା ଏହାର ମୂଳ କାରଣ ଭଳି ଜଣାଯାଏ ।

ଏହା ଫଳରେ ନୂତନ ବଂଶଧରମାନଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଓ କାର୍ଯ୍ୟ ପ୍ରଣାଳୀ ଦେଖା ଦେଇଛି ଓ ଅନେକ ସମୟରେ ତାହା ବୟୋବୃଦ୍ଧମାନଙ୍କର ଦୁର୍ବୋଧ ହୋଇ ପଡ଼ୁଛି । ଏହିଭଳି ଭାବରେ ବିଭିନ୍ନ ପୁରୁଷର ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ଏକ ଗୁରୁତର ସମସ୍ୟା ରୂପେ ଦେଖା-ଦେଇଛି । ବୟସ୍କମାନେ ଛାତ୍ରଛାତ୍ରୀମାନଙ୍କୁ ଅଶା-ସିତ ଭାବେ ବିଶୃଙ୍ଖଳା ଓ ଅବାଧ୍ୟ ମନେକରୁଛନ୍ତି, ଯୁବକମାନେ ମଧ୍ୟ ବୟସ୍କ ଲୋକମାନଙ୍କୁ—ନିର୍ବୋଧ ବୃଦ୍ଧ ବ୍ୟକ୍ତି ଓ ପ୍ରତିକ୍ରିୟାଶୀଳ ଏବଂ ପ୍ରଗତିର ପରି-ପନ୍ଥୀ ବୋଲି ବିଚାରୁଛନ୍ତି ।

ବର୍ତ୍ତମାନ ଏହି ପରମାଣୁ ଯୁଗରେ ପୃଥିବୀର ବିଭିନ୍ନ ଅଂଚଳ ପରିବର୍ତ୍ତନର ଘୂର୍ଣ୍ଣିବାତ ଦ୍ୱାରା ରୂପାନ୍ତରିତ ହେଉଥିବାବେଳେ ଆମେ ଭାରତର ଅଧିବାସୀମାନେ ଏହି ପରିବର୍ତ୍ତନରୁ କେତେକ ପରିମାଣରେ ବଞ୍ଚିତ ହୋଇପଡ଼ୁଛୁ । କିନ୍ତୁ ଏହା



ସତ୍ତ୍ୱେ ଆବହମାନ କାଳରୁ ଚାଲି ଆସିଥିବା ବ
ବର୍ଷରେ ମଧ୍ୟ ପରିବର୍ତ୍ତନ ଘଟିବାକୁ ଆରମ୍ଭ କ
ଦାରିଦ୍ର୍ୟର ସୀମାରେଖା ଭାଙ୍ଗି ଦେବା ପା
ପୃଥିବୀର ବୃହତ୍ ଦେଶମାନଙ୍କ ମଧ୍ୟରେ ଆମର
ବାଛିନେବା ନିମନ୍ତେ ଏହି ପରିବର୍ତ୍ତନ ଅ
ଆବଶ୍ୟକ । ଆମର ପରିବର୍ତ୍ତନ ଦରକାର,
କଭଳି ଭାବରେ ? ପରିବର୍ତ୍ତନ ଦୁଇ ପ୍ରକାର ହୋ
ପାରେ—ଗଠନମୂଳକ ବା ସୃଜନାତ୍ମକ ଓ ଧ୍ୱଂସାତ୍
ଏହି ପରିବର୍ତ୍ତନର ରୂପରେଖ ବିଶେଷଭାବ
ଦେଶର ଯୁବକମାନଙ୍କ ଉପରେ ନିର୍ଭର କରେ
ଏହି ବିରାଟ ପ୍ରସଙ୍ଗରେ ଯୁବକମାନଙ୍କର ଯେ
ଦାୟିତ୍ୱ ରହିଛି ଓ ସେ ସଂପର୍କରେ ଯେଉଁସବୁ କ
କରାଯାଉଛି ସେ ବିଷୟରେ ମୁଁ ଆଜି ଖ
ନମ୍ରତାର ସହିତ ଆପଣମାନଙ୍କ ସଙ୍ଗେ ଆଲୋଚ
କରିବାକୁ ଚାହେଁ । କାରଣ ଆମେ ଯେ କେ
ପାଣ୍ଡିତ୍ୟ ଓ ଶିକ୍ଷାରେ ଏକ ଉଲ୍ଲେଖଯୋ
ପରଂପରାର ଦାୟାଦ ତାହା ନୁହେଁ, ବରଂ ସ୍ୱ
ପ୍ରୀତି ଓ ଉଚ୍ଚକୋଟିର ଜାତୀୟ କାର୍ଯ୍ୟକଳ
ସଂପର୍କରେ ମଧ୍ୟ ଆମର ଉଲ୍ଲେଖଯୋଗ୍ୟ ପରଂପ
ରହିଛି ଓ ସେ ବିଷୟରେ ମୁଁ ବିଶେଷଭା
ସଚେତନ । ଆମ ଉତ୍ତରାଧିକାରର ଯଥାର୍ଥ୍ୟ ପ୍ର
ପାଦନ ଓ ତାହାକୁ (ଉତ୍ତରାଧିକାରକୁ) ଗ୍ରହଣ
କରିବା ନିମନ୍ତେ ଆମକୁ ଆମର ସାମର୍ଥ୍ୟ ଅନୁଯା
ଶାରୀରିକ, ମାନସିକ ଓ ଆତ୍ମିକ କଷ୍ଟ ସ୍ୱୀକା
କରିବାକୁ ହେବ ।

ଗତ ୨୦ ବର୍ଷର ଅନୁଭୂତିରୁ ସ୍ପଷ୍ଟ ଜଣାପଡ଼େ
ଯେ ଆମେ ଯଥା ସ୍ୱାଧୀନତା ଆନ୍ଦୋଳନ ସମୟ
କେତେକ କାର୍ଯ୍ୟମାନ ଆଦର୍ଶକୁ ଗ୍ରହଣ କରିବା
ଅସମର୍ଥ ହେଉ ଓ ଆମର ପୂର୍ବପୁରୁଷମାନେ ସେ
ସମୟରେ ଯେଉଁଭଳି କଷ୍ଟ ଓ ତ୍ୟାଗ ସ୍ୱୀକା
କରିଥିଲେ, ତାହା କରିବାକୁ ପ୍ରସ୍ତୁତ ନ ହେଉ ହେ

ଉତ୍କଳ ପ୍ରସଙ୍ଗ, ଫେବୃଆରୀ—୧୯୬

ଆମ ଦେଶ ବର୍ତ୍ତମାନ ଯେଉଁସବୁ ବିରାଟ ସମସ୍ୟାର ସମ୍ମୁଖୀନ ହୋଇଛି ତାହାର ସମାଧାନ କରିବା ପାଇଁ ଅଥବା ଆମ ସ୍ୱପ୍ନର ନବଭାରତ ନିର୍ମାଣ କରିବା ପାଇଁ ଆମେ ସମର୍ଥ ହୋଇପାରିବା ନାହିଁ । ନୂତନ ଭାରତ ଗଠନ ପାଇଁ ଆମେ ଉପଯୁକ୍ତ ହେବା ପୂର୍ବରୁ ସେଥି-ପାଇଁ ଆମ ସାମର୍ଥ୍ୟର ଅଭିବୃଦ୍ଧି ଘଟାଇବା ଆବଶ୍ୟକ ବୋଲି ଆମକୁ ଗ୍ରହଣ କରି-ନେବାକୁ ହେବ । ଅସ୍ପଷ୍ଟ ସ୍ୱଦେଶପ୍ରୀତି ଓ ମାତୃ-ଭୂମିର ସେବାପାଇଁ ସାଧାରଣ ଅଭିଳାଷ କେବଳ ଯଥେଷ୍ଟ ନୁହେଁ । ଆମେ ଅନେକ ସମୟରେ ନବ ଭାରତ ଗଠନ ସଂପର୍କରେ ଅନର୍ଗଳ ବକ୍ତୃତା ଦେଉ, କିନ୍ତୁ କଠୋର ଆତ୍ମପ୍ରସ୍ତୁତି ବିନା ଯେ ଏହା ଅର୍ଥହୀନ ଆମେ ତାହା ଉପଲବ୍ଧି କରୁନାହିଁ । ଆଗରୁ ମଧ୍ୟ କୁହାଯାଇଛି ଯେ ପ୍ରତିଭାର ଶତକଡ଼ା ୧୦ ଭାଗ ହେଉଛି ପ୍ରେରଣା ଓ ଶତକଡ଼ା ୯୦ ଭାଗ ଅଧ୍ୟବସାୟ ବା ପରିଶ୍ରମ । ଦେଶଗଠନ ବିଷୟରେ ମଧ୍ୟ ତାହାହିଁ କୁହାଯାଇ ପାରେ ।

ଆମର ପ୍ରାଚୀନ ଐତିହ୍ୟ ମଧ୍ୟରେ ରହିଥିବା ଅନେକ ମୂଲ୍ୟବାନ ବିଷୟ ମଧ୍ୟରୁ ସାଧନା ଓ ସିଦ୍ଧିର ସଂପର୍କ ଅନ୍ୟତମ । ମନୁଷ୍ୟ ନ କରି ପାରିବ ଏପରି କିଛି ନାହିଁ ; କିନ୍ତୁ ଆବଶ୍ୟକୀୟ ପ୍ରଚେଷ୍ଟା ଓ ଶୃଙ୍ଖଳା ନ ରହିଲେ କୌଣସି ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ । ଗୋଟିଏ ସମୃଦ୍ଧ ଓ ସୁଦୃଢ଼ ଭାରତ ଗଠନ କରିବା ନିମନ୍ତେ ଆମ ଭିତରୁ ପ୍ରତ୍ୟେକଙ୍କୁ ଆତ୍ମ-ସଂଯମ ବା ସାଧନା କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ମୁଁ କହିଦେବାକୁ ଚାହେଁ ଯେ ହିମାଳୟରେ ଥିବା ଆଶ୍ରମକୁ ଯିବା ଏହାର ଅର୍ଥ ନୁହେଁ । ଆମର ପରମ୍ପରା ଏକାନ୍ତ ବା ଅଧିକଭାବେ ଜୀବନକୁ ଅସ୍ୱୀକାର କରେ ବୋଲି ଯେଉଁ ଧାରଣା ରହିଛି ତାହା ଏକ କୌତୂହଳପୂର୍ଣ୍ଣ ଭ୍ରାନ୍ତ ଧାରଣା ବସ୍ତୁତଃ ଆମ ସାଂସ୍କୃତିକ ଇତିହାସରେ ଉଚ୍ଚତର ସ୍ଥାନ ଅଧିକାର କରିଥିବା ଉପନିଷଦଗୁଡିକ ମଧ୍ୟ ଦୃଢ଼ ଭାବରେ ପ୍ରତ୍ୟକ୍ଷ ଭାବେ ଜୀବନର ଅସ୍ତିତ୍ୱକୁ ସ୍ୱୀକାର କରିଛନ୍ତି । ସାଧନା ବିଷୟରେ କହିବାବେଳେ ମୁଁ ତାହାକୁ ତରୁଣ ତଥା ସମଗ୍ର ଯୁବଜୀବନ ସହିତ ସଂଯୁକ୍ତ ନିରବଚ୍ଛିନ୍ନ ପଦ୍ଧତି ବୋଲି ବିଚାରୁଛି ।

ଏହି ପଦ୍ଧତିର ତିନୋଟି ନିର୍ଦ୍ଦିଷ୍ଟ ଦିଗ ରହିଥିବା ମୁଁ ଜାଣେ । ପ୍ରଥମଟି ହେଲା ଶାରୀରିକ ସାମର୍ଥ୍ୟ ଓ ଶକ୍ତି । ଗୋଟିଏ ବିରାଟ ଦେଶ ଗଠନ କରିବା ଦୁର୍ବଳ ଲୋକର କାର୍ଯ୍ୟ ନୁହେଁ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ କହିବାକୁ ଗଲେ ମହାନ୍ ଅତୀତର ଭିତ୍ତି-ଉପରେ ବିରାଟ ଭବିଷ୍ୟତ ଗଠନ କରିବା ନିମିତ୍ତ "ଲୌହ ମାଂସପେଶୀ ଓ ଇସ୍ପାତ ସ୍ନାୟୁ ଯୁକ୍ତ ଯୁବକ ଆବଶ୍ୟକ । ତେଣୁ ଆମ ଦେଶର ଯୁବକମାନେ କୌଣସି ପ୍ରକାରରେ ହେଲେ ଶାରୀରିକ ସାମର୍ଥ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ବିଶ୍ୱ-ବିଦ୍ୟାଳୟମାନଙ୍କରେ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ ସାଧାରଣ ଭାବେ କହିବାକୁ ଗଲେ ଶାରୀରିକ ସାମର୍ଥ୍ୟ ଉପରେ ଯେଉଁପରି ଗୁରୁତ୍ୱ ଦିଆଯିବା କଥା ତାହା ଏହି ଅନୁଷ୍ଠାନମାନଙ୍କରେ ଦିଆଯାଇ ନ ଥାଏ । ଉଦାହରଣ ସ୍ୱରୂପ ବିଭିନ୍ନ କ୍ରୀଡ଼ା ଓ ଖେଳ କସରତରେ ଆମର ଜାତୀୟମାନ ଆନ୍ତର୍ଜାତୀୟମାନ ଅପେକ୍ଷା ଯଥେଷ୍ଟ ନ୍ୟୁନ । ମାନବ ସମାଜର ଏକ ସପ୍ତମାଂଶ ହେଲେ ମଧ୍ୟ ଶାରୀରିକ ସାମର୍ଥ୍ୟ ଓ କ୍ରୀଡ଼ା କୌଶଳ କ୍ଷେତ୍ରରେ ଆମେ ଭାରତୀୟମାନେ ଯେଉଁ ସଫଳତା ହାସଲ କରିଥାଉଁ ତାହା ଆଦୌ ଚିତ୍ତାକର୍ଷକ ନୁହେଁ । ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ଅପେକ୍ଷାକୃତ ନିକୃଷ୍ଟ ଶାରୀରିକମାନର ଏହା ନିଶ୍ଚୟ ଏକ ପ୍ରତିଫଳନ । ତେଣୁ ଅଧିକ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିବା ପୂର୍ବରୁ ଆମର ଯୁବକମାନେ ଶାରୀରିକ ସାମର୍ଥ୍ୟ ବିଷୟରେ ଏକ ଆଦର୍ଶ ସୃଷ୍ଟି କରିବା ଉଚିତ ବୋଲି ମୁଁ ଅନୁଭବ କରୁଛି ।

ଆମର ଆତ୍ମ-ପ୍ରସ୍ତୁତ ସଂପର୍କୀୟ ଦ୍ୱିତୀୟ ବିଷୟଟି ହେଲା ବୌଦ୍ଧିକ ଶକ୍ତି ଓ କାରିଗରି କୌଶଳ ହାସଲ କରିବା । ଆମେ ବର୍ତ୍ତମାନ ବିଜ୍ଞାନ ଓ କାରିଗରି ଯୁଗରେ ବାସ କରୁଥାଉଁ ଓ ଏହାର ଦ୍ୱାରା ଆମର ଆଖି ଆଗରେ ପୃଥିବୀକୁ ରୂପାନ୍ତରିତ କରାଯାଇ ପାରୁଛି । ଭାରତର ପ୍ରଗତିଗାମୀ ରଥ ଦେହରେ ସେଗୁଡ଼ିକର ଶକ୍ତିକୁ ବାନ୍ଧି ଦିଆ ନ ଗଲେ ଆମର ସ୍ୱାଧୀନତା ସହିତ ଯେଉଁ କେତେ ଶତାବ୍ଦୀର ଅନଗ୍ରସରତାକୁ ଆମେ ନେଇ ଆସିଛୁ, ତାହା ଦୂର କରି ପାରିବା ନାହିଁ । ଅଧ୍ୟୟନକାଳ ମଧ୍ୟରେ ଛାତ୍ରମାନେ ଯଦି ବୌଦ୍ଧିକ ମୂଳଧନର ଅଭିବୃଦ୍ଧି ସାଧନ ପରିବର୍ତ୍ତେ ନିଜ ପଥରୁ ଅପସରି ଯାଇ ଅଣଉତ୍ପାଦନ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତି, ତେବେ ଚୂଡ଼ାନ୍ତ ବିଶ୍ଳେଷଣରେ ସେମାନେ ଯେ କେବଳ କ୍ଷତିଗ୍ରସ୍ତ ହେବେ ତାହା ନୁହେଁ, ସମଗ୍ର ଦେଶର ମଧ୍ୟ କ୍ଷତି ଘଟିବ । ଆମ ଦେଶଭଳି ଏକ ବିରାଟ ଅନୁନ୍ନତ ଦେଶରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଲାଭ ଏକ ମହାର୍ଘ୍ୟ ସୁଯୋଗ । ତେଣୁ ପ୍ରତିବର୍ଷ ଛାତ୍ର ଜୀବନର କେତେ ଲକ୍ଷ ଘଣ୍ଟା ସମୟ ବିଭିନ୍ନ ପ୍ରକାର 'ଅଶାନ୍ତି'ରେ ଅଯଥା ନଷ୍ଟ ହେଉଥିବା ଗଭୀର ଉଦ୍‌ବେଗର ବିଷୟ । ବିଶ୍ୱ-ବିଦ୍ୟାଳୟ ଶିକ୍ଷା ଯେ ଅତିମାତ୍ରାରେ ବ୍ୟୟ ସାପେକ୍ଷ ଏ କଥା ବୋଧହୁଏ ସମାଜରେ ବିଶେଷଭାବେ ଉପଲବ୍ଧି କରାଯାଉ ନାହିଁ । ତେଣୁ ଦେଶ ଗଠନ ପାଇଁ ନିଜକୁ ବୌଦ୍ଧିକ ଶକ୍ତିରେ ସଜ୍ଜିତ କରିବା ଉଦ୍ଦେଶ୍ୟରେ ଛାତ୍ରମାନେ କଲେଜ ଓ ବିଶ୍ୱବିଦ୍ୟା-ଳୟରେ ଥିବା ପର୍ଯ୍ୟନ୍ତ ନିଜ ସମୟର ପୂର୍ଣ୍ଣ ଉପଯୋଗ କରିବା ସେମାନଙ୍କ ପକ୍ଷରେ ଅପରିହାର୍ଯ୍ୟ ହୋଇ-ପଡ଼ୁଛି । ମୁଁ ଆପଣମାନଙ୍କୁ ନିଶ୍ଚିତରୂପେ କହିପାରେ ଯେ ବିଶ୍ୱବିଦ୍ୟାଳୟ ଦ୍ୱାର ଅତିକ୍ରମ କରିବା ପରେ ରାଜନୈତିକ ଜୀବନର ଉନ୍ମାଦନା ଅନୁଭବ କରିବା ପାଇଁ ଆପଣମାନେ ଅନେକ ସୁଯୋଗ ପାଇପାରିବେ; କିନ୍ତୁ ଛାତ୍ର ଜୀବନକୁ ଧ୍ୱଂସ କରି ତହିଁର ଛିଟିଏ ରସ ଆସ୍ୱାଦନ କରିବାରେ ଆପଣମାନଙ୍କର କୌଣସି ଲାଭ ହେବ ନାହିଁ ।

ଆତ୍ମ-ପ୍ରସ୍ତୁତିର ତୃତୀୟ ବିଷୟ ହେଲା ଶୃଙ୍ଖଳାବୋଧ ଓ ଏକତ୍ର କାର୍ଯ୍ୟ କରିବାର କ୍ଷମତା । ଆମ ଦେଶରେ ବ୍ୟକ୍ତିଗତ ପ୍ରତିଭାର ଅଭାବ ନାହିଁ, କିନ୍ତୁ ବ୍ୟକ୍ତିଗତ ପ୍ରତିଭାକୁ ଜାତୀୟ କୃତୀତ୍ୱର ସୁଦୃଢ଼ ଆଧାର ମଧ୍ୟରେ ଏକତ୍ର ରଖିବାକୁ ଆମ ସାମର୍ଥ୍ୟର ଅଭାବ ରହିଛି । ଅଳ୍ପଦିନ ତଳେ ଜାପାନ ପରିଦର୍ଶନ କରିବାପାଇଁ ମୋତେ ସୁଯୋଗ ମିଳିଥିଲା । ଦ୍ୱିତୀୟ ମହାଯୁଦ୍ଧ ଦ୍ୱାରା ସଂଘଟିତ ଧ୍ୱଂସାବଶେଷ ଉପରେ ସେହି ଦେଶ ନିଜକୁ ଯେପରି ପୁନର୍ଗଠିତ କରିପାରିଛି ଓ ଆଜି ସମୃଦ୍ଧିର ନୂତନ ଶିଖରରେ ଉପନୀତ ହୋଇ କାରିଗରି ବିଦ୍ୟାର ଅଗ୍ରଗତିରେ ପାଶ୍ଚାତ୍ୟ ଜଗତକୁ ଯେପରି ଆହ୍ୱାନ ଜଣାଇଛି, ତାହା ମୋ ମନରେ ଗଭୀର ରେଖାପାତ କରିଥିଲା । ଏହା ନିଶ୍ଚିତ ଯେ ଜାପାନୀମାନଙ୍କ ଅପେକ୍ଷା ଆମେ କମ୍ ପ୍ରତିଭାବାନ୍ ନୋହୁଁ; କିନ୍ତୁ ଏହା ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ହେବ ଯେ ସେମାନଙ୍କ ତୁଳନାରେ ଆମର ଶୃଙ୍ଖଳା ଓ ମିଳିମିଶି କାମ କରିବା କ୍ଷମତା ଯଥେଷ୍ଟ କମ୍ ଫଳପ୍ରଦ ହୋଇପାରିଛି । ଏହି କାରଣରୁ ଆମ ଦେଶର ପ୍ରତ୍ୟେକ ଯୁବକ ଯେ କେବଳ ଶରୀର ଓ ମନରେ ବଳିଷ୍ଠ ହେବା ଉଚିତ ତାହା ନୁହେଁ, ଅଧିକନ୍ତୁ ଏକତ୍ର ମିଳିମିଶି କାମ କରିବାକୁ ଶିଖିବାଦ୍ୱାରା ସେମାନେ ଜାତୀୟ ଉନ୍ନୟନ କାର୍ଯ୍ୟରେ ଅଧିକ ଦକ୍ଷତାର ସହିତ ଅବଦାନ ଦେଇ ପାରିବେ । ବିଜ୍ଞାନ ବା କାରିଗରି ବିଦ୍ୟା, ବ୍ୟବସାୟ ବା ବାଣିଜ୍ୟ, କୃଷି ବା ଶିଳ୍ପ, ରାଜନୀତି ଅଥବା ସମାଜସେବା, ଯେଉଁ କ୍ଷେତ୍ରରେ ହେଉ ନା କାହିଁକି ନିଜକୁ ଗୋଟିଏ ସୁସମଞ୍ଜ ଦଳର ଅଙ୍ଗ ଭାବି କାର୍ଯ୍ୟ କରିବା ସ୍ଥାୟୀ ସାଫଲ୍ୟର ସାରମର୍ମ; ବେଦର ଆବାହନ ମନ୍ତ୍ରରେ 'ସହ ବୀର୍ଯ୍ୟମ୍ କରବାବହଇ'ର ଉଲ୍ଲେଖ ଅଛି ।

ପରିଶେଷରେ ଆମ ସାଧନାର ଚତୁର୍ଥ ଓ ସର୍ବଶେଷ ବିଷୟ ହେଉଛି ପ୍ରଗାଢ଼ ତଥା ଉନ୍ନତ ସ୍ୱଦେଶ-ପ୍ରୀତିର

ଅଭିବୃଦ୍ଧି ସାଧନ । ଏ କଥା ସତ ଯେ ଆମେ ସମସ୍ତେ ନିଜକୁ ସ୍ୱଦେଶ ପ୍ରେମୀ କହୁ ଓ ସହଜରେ ଏକାଠି ହୋଇ ଜାତୀୟ ସଙ୍ଗୀତ ଗାନ କରୁ ଓ ଜାତୀୟ ପତାକା ଉତ୍ତୋଳନ କରୁ ; କିନ୍ତୁ ଜାତୀୟ ସ୍ୱାର୍ଥ ଓ ପ୍ରାଦେଶିକ ଅଥବା ଭାଷାଗତ ବା ଜାତିଆଣ ଅଥବା ରାଜନୈତିକ କ୍ଷୁଦ୍ର ସ୍ୱାର୍ଥ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲେ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ ଆମର ସ୍ୱଦେଶ ପ୍ରୀତି ବା ଦେଶାତ୍ମବୋଧ ଖୁବ୍ ପଛକୁ ହଟିଯାଏ । ଜାତୀୟ ଜୀବନରେ ଯେଉଁ-ମାନେ ଭାଷା ଓ ଅଞ୍ଚଳର ଗୁରୁତ୍ୱକୁ କଦର୍ଯ୍ୟଭାବେ ଗ୍ରହଣ କରନ୍ତି, ମୁଁ ସେମାନଙ୍କ ମଧ୍ୟରୁ ଜଣେ ନ ହେଲେ ମଧ୍ୟ ମୁଁ ଭାବେ ଯେ ଦେଶପ୍ରତି ସର୍ବାଧିକ ଆନୁଗତ୍ୟ ନ ରହିଲେ କ୍ଷୁଦ୍ର ସ୍ୱାର୍ଥଗୁଡ଼ିକ ଜାତୀୟ ଏକତା ଓ ପ୍ରଗତି ପ୍ରତି ଗୁରୁତର ବିପଦର କାରଣ ହୋଇପଡ଼ିବ ।

ଏହି ପ୍ରସଙ୍ଗରେ ମୁଁ ଆଧୁନିକ ଯୁଗର ଅନ୍ୟତମ ମନୀଷୀ ଶ୍ରୀ ଅରବିନ୍ଦ, ଯେ କି ଏହି ଶତାବ୍ଦୀର ସନ୍ଧିକ୍ଷଣରେ ଉଗ୍ର ଜାତୀୟବାଦୀ ଆନ୍ଦୋଳନ ସହିତ ଘନିଷ୍ଠ ଭାବେ ଜଡ଼ିତ ଥିଲେ, ତାଙ୍କର ମତ ଉଦ୍ଧାର କରୁଛି । ପରୋକ୍ଷ ପ୍ରତିରୋଧ ନୀତି ବିଷୟରେ କହିବାକୁ ଯାଇ ସ୍ୱଦେଶପ୍ରୀତି ବା ଦେଶାତ୍ମବୋଧ ସଂପର୍କରେ ସେ ଅମର ଶବ୍ଦାବଳୀରେ ଯାହା କହିଯାଇଛନ୍ତି, ତାହା ଆମ ଦେଶର ଯୁବକ ଯୁବତୀମାନଙ୍କ କର୍ଣ୍ଣକୁହରରେ ସଦାସର୍ବଦା ଝଙ୍କୃତ ହେବା ଉଚିତ :—

"ସ୍ୱଜନମାନଙ୍କରେ ମଧ୍ୟ ପ୍ରେମର ସ୍ଥାନ ଅଛି; କିନ୍ତୁ ଏହା ନିଜ ଦେଶ ତଥା ଦେଶବାସୀ ଓ ଜାତିର ଗୌରବ ମହତ୍ତ୍ୱ ଓ ସୁଖ ନିମନ୍ତେ ଉଦ୍ଦିଷ୍ଟ । ନିଜ ଦେଶବାସୀଙ୍କ ପାଇଁ ଆତ୍ମାହୁତି ଦେବାରେ ଯେଉଁ ସ୍ୱର୍ଗୀୟ ଆନନ୍ଦ ମିଳେ, ସେମାନଙ୍କର ଯନ୍ତ୍ରଣା ଲାଘବ କରିବାରେ ଯେଉଁ ଉଲ୍ଲାସ ଅନୁଭୂତ ହୁଏ, ଦେଶ ଓ ସ୍ୱାଧୀନତା ପାଇଁ ରକ୍ତ ପ୍ରବାହିତ ହେବା ଦେଖିଲେ ଯେଉଁ ପୁଲକ ସୃଷ୍ଟି ହୁଏ ଓ ମୃତ୍ୟୁ ପରେ ଜାତିର ପିତାମାନଙ୍କ ସହିତ ମିଳିତ ହେବାରେ ଯେଉଁ ସ୍ୱର୍ଗୀୟ ସୁଖ ରହିଛି, ସେଥିରେ ମଧ୍ୟ ଏହି ପ୍ରେମ ନିହିତ ଅଛି । ମାତୃଭୂମିର ମାଟି, ଭାରତୀୟ ସମୁଦ୍ରର ପବନ ଓ ଭାରତର ପାହାଡ଼ ପର୍ବତରୁ ପ୍ରବାହିତ ନଦୀର ଜଳ, ଭାରତର ଭାଷା, ସଙ୍ଗୀତ ଓ ପଦ୍ୟ, ଭାରତୀୟ ଜୀବନର ଦୃଶ୍ୟ, ଶବ୍ଦ, ରୁଚି ବା ଅଭ୍ୟାସ ଓ ପୋଷାକ ପରିଚ୍ଛଦ, ଭାରତୀୟ ଜୀବନର ରୀତିନୀତି ଦେଖି ଶୁଣି ବା ସ୍ପର୍ଶକରି ଶରୀରରେ ଯେଉଁ ରୋମାଞ୍ଚ ସୃଷ୍ଟି ହୁଏ, ତାହାହିଁ ଏହି ପ୍ରେମର ସ୍ୱାଭାବିକ ମୂଳ ସ୍ୱରୂପ । ଅତୀତର ଗୌରବ, ବର୍ତ୍ତମାନର ଯନ୍ତ୍ରଣା ଓ ଭବିଷ୍ୟତର ଆକାଂକ୍ଷା ଏହାର ଗଣ୍ଡି ଓ ଶାଖା ପ୍ରଶାଖା । ଦେଶ ପାଇଁ ଆତ୍ମ-ବଳି ଓ ଆତ୍ମ-ବିସ୍ମୃତି, ମହତ୍ ସେବାକାର୍ଯ୍ୟ ଓ ଉଚ୍ଚକୋଟୀର ସହନଶୀଳତା ଏହାର ଫଳ ।"

ଆମର ସ୍ୱଦେଶପ୍ରୀତି ଯେତେ ପ୍ରଗାଢ଼ ହେଉ ପଛକେ ତାହା ଯେପରି ସଂକୀର୍ଣ୍ଣ ହୋଇ ନ ଯାଏ ଓ ଆମକୁ ଅନ୍ଧ କରି ନ ଦିଏ ସେଥିପ୍ରତି ଦୃଷ୍ଟିଦେବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ସବୁ ଦିଗରୁ ନୂତନ ଚିନ୍ତାଧାରା ଗ୍ରହଣ କରିବା ଓ ବିଶ୍ୱର ହିତପାଇଁ କାମ କରିବାର ସାମର୍ଥ୍ୟ ଆମ ଅତୀତ ମହତ୍ତ୍ୱର ଅନ୍ୟତମ ଗୃହକାଠି ଥିଲା । ଆଧୁନିକ ଭାରତର ବିଶିଷ୍ଟ ଚିନ୍ତାଶୀଳ ବ୍ୟକ୍ତିମାନେ ମଧ୍ୟ ଏ ବିଷୟ ଉପରେ ଅଧିକ ଜୋର ଦେଇଛନ୍ତି । ବିଶ୍ୱ ସମାଜର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ ଭାରତର ସେଥିପ୍ରତି ଯେ ନୈତିକ କର୍ତ୍ତବ୍ୟ ରହିଛି, ସେ ବିଷୟରେ ସ୍ୱାମୀ ବିବେକାନନ୍ଦ ଓ ଶ୍ରୀ ଅରବିନ୍ଦ, ମହାତ୍ମା ଗାନ୍ଧୀ ଏବଂ ଜବାହରଲାଲ ନେହରୁ ବିଶେଷ ସଚେତନ ଥିଲେ । ଆମର ସ୍ୱଦେଶପ୍ରୀତି ଆମକୁ ଶ୍ୱାସରୁଦ୍ଧ ଓ ହତବୁଦ୍ଧି କରିବା ଉଚିତ ନୁହେଁ । ଏହା ପ୍ରଶସ୍ତ ଓ ଉଦାର ଆବେଗରେ ପରିଣତ ହେଲେ ଆମ ଜାତୀୟ ଉନ୍ନୟନରେ ଅନୁଘଟକ ଭଳି କାର୍ଯ୍ୟ କରିବ ଓ ବହିର୍ଜଗତ ସହିତ ଆମର ବର୍ଦ୍ଧିଷ୍ଣୁ ସଂପର୍କକୁ ବିଚ୍ଛିନ୍ନ କରିବ ନାହିଁ । କାରଣ ପ୍ରକୃତ ବିଶ୍ୱ ସମାଜର

ଜନ୍ମକୁ ନିୟନ୍ତ୍ରିତ କରାଇବା ଆମର ଚରମ ଲକ୍ଷ୍ୟ ହେବ ଓ ଜନ ସମାଜକୁ ଧ୍ୱଂସ କରିବା ଭଳି ମାରଣାସ୍ତ୍ର ସୃଷ୍ଟିରେ ବିଜ୍ଞାନର ଶକ୍ତିକୁ ଉପଯୋଗ କରା ନ ଯାଇ ଆମର ଏହି ପୃଥିବୀରୁ ଅଭାବ ଓ ଦାରିଦ୍ର୍ୟ ଦୂର କରିବା ଲାଗି କାର୍ଯ୍ୟ କରାଯିବ । ଏହି ବିଶ୍ୱ ସମାଜରେ ଛୋଟ ଓ ବଡ଼ ସବୁ ଦେଶ ପରସ୍ପର ମଧ୍ୟରେ ସହଯୋଗ ଓ ସମନ୍ୱୟ ରକ୍ଷା କରିବେ ଓ ଅବାଧରେ ନିଜ ଉନ୍ନୟନ ପଥରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କ କଲ୍ୟାଣ ପାଇଁ ବିଶ୍ୱ ପରିମାଣରେ କାର୍ଯ୍ୟ କରିବେ ।

ଘୃଣା ଓ ସନ୍ଦେହରେ ଆଚ୍ଛନ୍ନ ଆଜିର ଏହି ପୃଥିବୀରେ ଏହା ଏକ ଅତି ଆଦର୍ଶବାଦୀ ଲକ୍ଷ୍ୟ ବୋଧ ହୋଇପାରେ । ତଥାପି ମନୁଷ୍ୟର ଦେବତ୍ୱ ଉପରେ ଆମର ଯେଉଁ ମୌଳିକ ବିଶ୍ୱାସ ରହିଛି, ତାହାର ଯଦି କୌଣସି ମୂଲ୍ୟ ଥାଏ ତେବେ ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଆମେ ଆଶା କରିବା ସଙ୍ଗେ ସଙ୍ଗେ ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ହେବ । ନୂତନ ବିଶ୍ୱ ସମାଜ ଗଠନରେ ଆମର ଯେଉଁ ଭୂମିକା ରହିଛି, ତାହିଁରେ ଅବତୀର୍ଣ୍ଣ ହେବା ଆମକୁ ଏକ ନୂତନ ଭାରତ ଗଠନ କରିବାକୁ ଯାହାକି ଅର୍ଥନୀତି ଦୃଷ୍ଟିରୁ ସମୃଦ୍ଧ, ସାମାଜିକ କୋଣରୁ ମୁକ୍ତ, ରାଜନୈତିକ ଭାବେ ସୁସଂହତ ଆଧ୍ୟାତ୍ମିକ ଭାବେ ଗତିଶୀଳ ହୋଇପାରିବ । ଶାରୀରିକ ସାମର୍ଥ୍ୟ ଓ ବୌଦ୍ଧିକ ଦକ୍ଷତା, ଚିନ୍ତାମଣି କରିବାରେ ଶୃଙ୍ଖଳା, ଆବେଗମୟ ଅଥଚ ସ୍ୱଦେଶ ପ୍ରୀତି ଦ୍ୱାରା କେବଳ ଯେ ଯୁବ-ସମାଜ ଏହି ଏକ ଭାରତ ଗଠନ କରିବାକୁ ସମର୍ଥ ହେବ, ମୁଁ କହି ରଖୁଛି । ଏହି ଲକ୍ଷ୍ୟକୁ ଆଖି ଆଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଧାରାବାହିକ ଏହିଭଳି ଉଦ୍‌ବୁଦ୍ଧ ଯୁବକ ଓ ଯୁବତୀ ସୃଷ୍ଟି ଏହାହିଁ ମୋର ଆନ୍ତରିକ କାମନା ।

୯ ପୃଷ୍ଠାର ଅବଶିଷ୍ଟାଂଶ

କରାଯାଉଛି ସେହି ଦୃଷ୍ଟିରୁ, ମାନବିକ ସମ୍ମାନ ପ୍ରତିଷ୍ଠା ପାଇଁ ଅହିଂସାତ୍ମକ ଆନ୍ଦୋଳନ କରିବା । ଆମେରିକାରେ ଗୋରା ଛାତ୍ରମାନେ ତାଙ୍କ ଦେଶରେ ଥିବା କଳା ଲୋକଙ୍କର ମାନବିକ ସମ୍ମାନ ରକ୍ଷା ପାଇଁ ଅନେକ କିଛି କରିଛନ୍ତି । ଆମ ଦେଶରେ ଆମର ଆଦର୍ଶବାଦୀ ଛାତ୍ର ବନ୍ଧୁମାନେ ସେହି ପ୍ରକାର କର୍ମସୂଚୀ କାହିଁକି ଉଠାଇ ନ କରିବେ ତାର କାରଣ ମୁଁ ଦେଖୁନାହିଁ । ସେହିପରି ସାଂପ୍ରଦାୟିକତା ରୂପକ ବିଷ ଯେଉଁଠି ତାର କୁତ୍ସିତ ମସ୍ତକ ଉତ୍ତୋଳନ କରୁଛି, ସେହି ଅଞ୍ଚଳର ଏବଂ ବିଭିନ୍ନ ଗୋଷ୍ଠୀ ଉପରେ ଛାତ୍ର ସମାଜ ତାର ସମସ୍ତ ଶକ୍ତି ଖଟାଇ ଆନ୍ତଃ ସଂପ୍ରଦାୟ ସଦ୍‌ଭାବ ପ୍ରତିଷ୍ଠା କରିବା ମଧ୍ୟ ସମ୍ଭବ ହୋଇପାରିବ । ପୁନଶ୍ଚ ଛାତ୍ରମାନେ ବିଭିନ୍ନ ଭାରତୀୟ ଭାଷା ଶିକ୍ଷା କରିବା ପାଇଁ ଓ ଆମର ବହୁ ଶତାବ୍ଦୀ ସଭ୍ୟତାରୁ ଜାତ ହୋଇଥିବା ସାହିତ୍ୟ ଓ ସଂସ୍କୃତିର ପରମ୍ପରା ବିଷୟ ଜାଣିବା ବାଟରେ ଆଗଭର ହୋଇ ବିଭିନ୍ନ ମଧ୍ୟରେ ପାରସ୍ପରିକ ସମ୍ମାନ ଓ ସୁସଂପର୍କ ବାଟରେ ଉଦ୍ୟମ କରିପାରନ୍ତି । ଆଜିମଧ୍ୟ, ଆଞ୍ଚଳିକ ବୁଝାମଣା ଓ ପାରସ୍ପରିକ ନିର୍ଭରଶୀଳତା ଉପରେ କର୍ମସୂଚୀ ପ୍ରସ୍ତୁତ କରାଯାଇପାରେ । ଅଞ୍ଚଳ ପରିଭ୍ରମଣ କରିବା ଦ୍ୱାରା ଓ ଅନ୍ୟ ଆସୁଥିବା ଛାତ୍ରମାନଙ୍କ ପ୍ରତି ଆତିଥେୟତା ଦ୍ୱାରା କରାଯାଇ ପାରିବ । ବସ୍ତୁତଃପକ୍ଷରେ ମୁଁ କିଛି ନାହିଁ, କାରଣ ଏହା ମୋର କାମ ନୁହେଁ ବୋଲି ଭାବୁଛି । ମୋ ପରି ବୟସ୍କମାନଙ୍କ କଥା ଛାତ୍ରମାନେ ନିଜେ ଯେଉଁ ଯୋଜନାଗୁଡ଼ିକ କରିବେ, ତାହା ବେଶୀ ବାସ୍ତବ ଓ ଫଳପ୍ରଦ ହେବ ଆମେ ବୟସ୍କମାନେ ଅବଶ୍ୟ ସାହାଯ୍ୟ କରିବୁ, ଏଥିପାଇଁ ଯେଉଁ ଉଦ୍ୟମ ଓ ଉତ୍ସାହ ଲୋଡ଼ା ଯୁବକମାନଙ୍କ ଠାରୁ ଆସିବା ଆବଶ୍ୟକ ।

କ୍ଟର ଅଯୋଧାନାଥ ଖୋସଲା

# ବଞ୍ଚିତ ଓ ଅବହେଳିତ ଜନତାର ସେବା ହିଁ ଛାତ୍ର ସମାଜର ଲକ୍ଷ୍ୟ ହେଉ

ଦେଶର ୧୦୨ଟି ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରି ସାରିଛନ୍ତି । ଏହି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ପରିଦର୍ଶନକାରୀ କମିଟି ଯେଉଁ ସବୁ ପ୍ରସ୍ତାବ ଦେଇଥିଲେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ସେ ସମସ୍ତ ପ୍ରସ୍ତାବଗୁଡ଼ିକୁ ନୀତି ଦୃଷ୍ଟିରୁ ଗ୍ରହଣ କରିଛନ୍ତି । ଏଥିମଧ୍ୟରେ ଅନ୍ୟତମ ପ୍ରସ୍ତାବ ଥିଲା ବିଭିନ୍ନ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରବର୍ତ୍ତନ । ବାସ୍ତବପକ୍ଷେ ଏହି ବିଶ୍ୱବିଦ୍ୟାଳୟରେ ୪ଟି ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରବର୍ତ୍ତିତ କରାଯାଇଛି । ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ବଡ଼ ଧରଣର ପୁସ୍ତକାଗାର ପ୍ରତିଷ୍ଠା ଦିଗରେ ଉଦ୍ୟମ କରାଯାଉଛି । ଏହି ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ଓ ପ୍ରାଚୀନ ଐତିହାସିକ ସାମଗ୍ରୀଆଦିର ସଂରକ୍ଷଣ ନିମନ୍ତେ ଏକ ସଂଗ୍ରହାଳୟ ସ୍ଥାପନ ପାଇଁ ଆବଶ୍ୟକୀୟ ଉଦ୍ୟମ କରାଯାଇ ସାରିଛି । ବିଶ୍ୱବିଦ୍ୟାଳୟ ନିମନ୍ତେ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇ ସାରିଛି ଏବଂ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ । ଏହି ବିଶ୍ୱବିଦ୍ୟାଳୟ ମାତ୍ର ଦୁଇ ବର୍ଷ ମଧ୍ୟରେ ଯେଉଁ ଅଗ୍ରଗତି କରିଛି ତାହା ବାସ୍ତବିକ୍ ପ୍ରଶଂସନୀୟ ଏବଂ ନିକଟ ଭବିଷ୍ୟତରେ ଏହି ବିଶ୍ୱବିଦ୍ୟାଳୟ ଭାରତର ସୁପ୍ରତିଷ୍ଠିତ ଓ ପୁରାତନ ବିଶ୍ୱବିଦ୍ୟାଳୟମାନଙ୍କର ସମକକ୍ଷ ହୋଇ ପାରିବ ବୋଲି ଆଶା କରାଯାଏ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଡକ୍ଟର ଅଯୋଧ୍ୟା ନାଥ ଖୋସଲା ଯେଉଁ ଦୀକ୍ଷାନ୍ତ ଭାଷଣ ଦେଇଥିଲେ, ନିମ୍ନରେ ତାହାର ଏକ ସାରାଂଶ ପ୍ରକାଶ ହେଲା ।

ାଇଶ ବର୍ଷ ଛ ମାସ ପୂର୍ବେ ଆମେ ରାଜ- ସ୍ୱାଧୀନତା ହାସଲ କରିଥିଲେ ସୁଦ୍ଧା କ ସ୍ୱାଧୀନତା ଏ ପର୍ଯ୍ୟନ୍ତ ହାସଲ କରାଯାଇ ନ୍ନା ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ସମସ୍ତଙ୍କୁ ସୁବିଧା ସୁଯୋଗ ପ୍ରଦାନ କରାଯାଇ ପାରି ଗଣ ଶିକ୍ଷାର ପ୍ରସାର ମଧ୍ୟ ଘଟି ନାହିଁ । ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବା କେତେକ ଶକ୍ତି କ୍ରମଶଃ ମୁଣ୍ଡ ଟେକୁଛି । ଆଞ୍ଚଳିକ, ଭାଷାଗତ, ଜାତିଗତ ଓ ସାମ୍ପ୍ରଦାୟିକ ଭେଦଭାବ ଜାତୀୟ ସଂହତି ଓ ନିରାପତ୍ତା ବିରୁଦ୍ଧରେ ଆତ୍ମପ୍ରକାଶ କରୁଛି । ଛାତ୍ର ଅଶାନ୍ତି ଓ ଛାତ୍ର ଆନ୍ଦୋଳନ ଦେଶରେ ଗୁରୁତର ମାନସିକ, ଅର୍ଥନୈତିକ ଓ ରାଜନୈତିକ

ସମସ୍ୟାମାନ ସୃଷ୍ଟି କରୁଛି । ଏଭଳି ଅଶାନ୍ତିକର ବାତାବରଣର ମୂଳକାରଣ ହେଲା ନିରକ୍ଷରତା, ଅର୍ଥନୈତିକ ଅନଗ୍ରସରତା ଏବଂ ଉପଯୁକ୍ତ କର୍ମସଂସ୍ଥାନ ସୁବିଧାର ଅଭାବ ।

ଓଡ଼ିଶାରେ ପ୍ରାଚୁର୍ଯ୍ୟ ମଧ୍ୟରେ ଯେଉଁଭଳି ଦାରିଦ୍ର୍ୟାବସ୍ଥା ଲାଗିରହିଛି ବ୍ୟାପକ କର୍ମସଂସ୍ଥାନର ସୁବିଧା ସତ୍ତ୍ୱେ ନିଯୁକ୍ତି ସୁବିଧା ଯେପରି ସଂକୁଚିତ ହୋଇ ଉଠିଛି ଏବଂ ନିରକ୍ଷରତା ବିଶେଷ କରି ଆଦିବାସୀ ଓ ହରିଜନମାନଙ୍କ ମଧ୍ୟରେ ଯେପରି ପ୍ରସାର ଲାଭ କରିଛି, ଅନ୍ୟତ୍ର ଏଭଳି ଦୃଷ୍ଟିଗୋଚର ହୁଏ ନାହିଁ ।

ପ୍ରାକୃତିକ ସମ୍ପଦରେ ଓଡ଼ିଶା ଭରପୂର । ଉର୍ବର ଜମି, ଜଙ୍ଗଲ ସାଙ୍ଗକୁ ରହିଛି, ପ୍ରଚୁର ଜଳ, ଖଣିଜ ଏବଂ ସାମୁଦ୍ରିକ ସମ୍ପଦ ।

ଯୁଗଯୁଗ ଧରି ବନ୍ୟା ଓ ମରୁଡ଼ି ଦ୍ୱାରା ଓଡ଼ିଶାର ପ୍ରଭୂତ କ୍ଷତି ହେଉଛି । ବର୍ଷ ମଧ୍ୟରେ ବୃଷ୍ଟିପାତରେ ଅସମାନତା ହେତୁ ନଦୀରେ ପ୍ରବାହିତ ଜଳସ୍ରୋତରେ ବିଶେଷ ତାରତମ୍ୟ ପରିଲକ୍ଷିତ ହୋଇଥାଏ । ବର୍ଷା ଦିନେ ପ୍ରଚୁର ପରିମାଣରେ ଜଳ ମିଳୁଥିଲେ ମଧ୍ୟ ଖରାଦିନକୁ ଖୁବ୍ କମ୍ ପରିମାଣରେ ଜଳ ରହେ । ଆଉ ମଧ୍ୟ କେଉଁ କେଉଁ ବର୍ଷ ଅସମୟରେ ବର୍ଷା କିମ୍ବା କମ୍ ପରିମାଣରେ ବର୍ଷା ହେତୁ ମରୁଡ଼ି ଅବସ୍ଥା ଦେଖା ଦେଇଥାଏ । ଏହି ଭଳି ଓଡ଼ିଶା ବନ୍ୟାସାଙ୍ଗକୁ ମରୁଡ଼ିଜନିତ ଖାଦ୍ୟାଭାବ, ଦୁଃଖ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାଏ । ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟ ହେଉଛି, ବାରମ୍ବାର ବାତ୍ୟାର ଉତ୍ପୀଡ଼ନ । ଏହି ସବୁ ଯୋଗୁଁ କେବଳମାତ୍ର ବିଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ରାଜକୋଷ ତଥା ଜନସାଧାରଣଙ୍କ ସମ୍ପତ୍ତିର ବିପୁଳ କ୍ଷୟ କ୍ଷତି ହେବା ସଙ୍ଗେ ସଙ୍ଗେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିଯାଉଛି ।

ସମଗ୍ର ଭାରତରେ ସମ୍ଭବତଃ ଓଡ଼ିଶ ସବୁ ଠାରୁ ଅଧିକ ଖଣିଜ ସମ୍ପଦ ରହିଛି । ରାଜ୍ୟରେ ଲୁହା ପଥର, ମାଙ୍ଗାନିଜ୍, କ୍ରୋ ଡୋଲୋମାଇଟ୍, ଚୂନ ପଥର, ବକ୍ସାଇଟ୍, ଗ୍ରାଫାଇଟ୍, ଚୀନା ମାଟି, ଫାୟାର କ୍ଲେ ପ୍ରଭୃ ସମ୍ପଦ ପ୍ରଚୁର ପରିମାଣରେ ଗଚ୍ଛିତ ଅଛି । ନଦୀଗୁଡ଼ିକରେ ବିପୁଳ ପରିମାଣର ଜଳ ରାଜ୍ୟ ସାରା ପ୍ରାୟ ସମାନ ଭାବରେ ବାଣ୍ଟି ରହିଛି । ଭାରତବର୍ଷର ବିଭିନ୍ନ ରାଜ୍ୟଗୁଡ଼ିକ ଓଡ଼ିଶାରେ ସବୁ ଠାରୁ ବେଶୀ ବନ୍ୟ ସମ୍ପଦ ଏବଂ ରାଜ୍ୟର ଭୂ ଭାଗର ଏହା ପ୍ରାୟ ଶତକଡ଼ା ଭାଗ । ଏହାର ଜମି ଅତ୍ୟନ୍ତ ଉର୍ବର ଯେଉଁ ପ୍ରାୟ ସବୁ ପ୍ରକାରର ଖାଦ୍ୟ ଶସ୍ୟ, ଫଳ ଓ ଜାତୀୟ ଫସଲ ଉତ୍ପନ୍ନ କରାଯାଇ ପାରିବ । ମାଇଲ ବ୍ୟାପୀ ସମୁଦ୍ର ଉପକୂଳ ଏବଂ ପା ଠାରେ ଏକ ଗଭୀର ପୋତାଶ୍ରୟ ଯୋଗୁଁ ପଥରେ ଯାତାୟାତ ଓ ମାଛ ଧରିବା ପାଇଁ ସୁଯୋଗ ରହିଛି ।

ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ସମସ୍ୟାର ପ୍ର ଦିଗରେ ଅଗ୍ରାଧିକାର ଦିଆଯିବା ଉଚିତ ମନେ ହୁଏ । ଏହି ସମସ୍ୟାର ସମାଧାନ କ ପାରିଲେ ବନ୍ୟା ହାତରୁ ରକ୍ଷା ମିଳିବା ସଙ୍ଗେ ଜଳ ସଂରକ୍ଷଣ କରାଯାଇ ଲକ୍ଷ ଲକ୍ଷ ଏ ଜମି ପାଇଁ ଜଳସେଚନର ସମୁଚିତ କରାଯାଇ ମରୁଡ଼ି ପ୍ରକୋପରୁ ସ୍ଥାୟୀ ଭାବରେ ମିଳିପାରିବ । ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ବିପୁଳ ପରିମାଣରେ ଜଳ ବିଦ୍ୟୁତ୍ ମଧ୍ୟ ହୋଇପାରିବ ଏବଂ ଏହି ବିଦ୍ୟୁତ୍ ଶିଳ୍ପ କୃଷି କାର୍ଯ୍ୟ ଏବଂ ଘରୋଇ ବ୍ୟବହାରରେ ଲଗା ପାରିବ । ଆଜି ମଧ୍ୟ ବନ୍ୟା ନିୟନ୍ତ୍ରଣ ସଙ୍ଗେ ସଙ୍ଗେ ରାଜ୍ୟର ଗୋଟିଏ ଅଞ୍ଚଳରୁ

ଅଞ୍ଚଳକୁ ଶସ୍ତାରେ ଜଳ ପଥରେ ଶିଳ୍ପ ଓ କୃଷି ଜାତ ପଦାର୍ଥ ପରିବହନ କରାଯାଇ ପାରିବ । ଏହା ବ୍ୟତୀତ ମଧୁର ଜଳରେ ମାଛ ଚାଷର ପର୍ଯ୍ୟାପ୍ତ ସୁବିଧା ମିଳିବ ।

ହୀରାକୁଦ ବନ୍ଧ ନିର୍ମାଣ ଏବଂ ଏଥିସହ ସଂଯୁକ୍ତ ବିଦ୍ୟୁତ୍ ଉତ୍ପାଦନ ଓ କେନାଲ୍ ଖନନ ଫଳରେ ଆଂଶିକଭାବେ ବନ୍ୟା ନିୟନ୍ତ୍ରଣ, ଜଳ ସେଚନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ସମ୍ଭବ ହୋଇଛି । କିନ୍ତୁ ଏହା ଫଳରେ ସମସ୍ୟାର କେବଳ ମାତ୍ର ବାହ୍ୟ ଆବରଣକୁ ସ୍ପର୍ଶ କରାଯାଇଛି । ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ବନ୍ୟା ସମସ୍ୟା ସମାଧାନ କରି ଏହି ସବୁ ନଦୀର ଜଳକୁ ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଓ ଆଭ୍ୟନ୍ତରୀଣ ନୌପରିବହନର ବିକାଶ ନିମନ୍ତେ ଆହୁରି ବହୁ କିଛି କରିବାକୁ ବାକି ଅଛି ।

ଏହି ବିଶ୍ୱବିଦ୍ୟାଳୟର ପରିସରଭୁକ୍ତ ଅଞ୍ଚଳରେ ମାଚ୍ଛକୁଣ୍ଡ ଜଳ ବିଦ୍ୟୁତ୍ ଯୋଜନା ଏବଂ ବାଲିମେଲା ଯୋଜନା ଅବସ୍ଥିତ ଏବଂ ଏହି ଯୋଜନାର ଫଳରେ କୋରାପୁଟ ଜିଲ୍ଲା ଓ ଆଖପାଖ ଅଞ୍ଚଳର ପ୍ରଭୂତ ଉନ୍ନତି ସାଧିତ ହେବ । କୋଲାବ ଓ ଇନ୍ଦ୍ରାବତୀ ଯୋଜନା କାର୍ଯ୍ୟକାରୀ କରାଗଲେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲା ପାଇଁ ଜଳସେଚନର ବ୍ୟବସ୍ଥା ହେବା ସଙ୍ଗେ ସଙ୍ଗେ ପ୍ରଚୁର ପରିମାଣର ବିଦ୍ୟୁତ୍ ଶକ୍ତି ମିଳିପାରିବ । ମଣିଭଦ୍ରା ଯୋଜନା ସମ୍ପୂର୍ଣ୍ଣ ହେଲେ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ପୁରୀ, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାର କେତେକ ଅଞ୍ଚଳରେ ଜଳ ସେଚନର ସୁବିଧା ହୋଇ ପାରିବ ।

ଏହି ରାଜ୍ୟରେ ଶିଳ୍ପ ବିକାଶ ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି । ଭାରତବର୍ଷରେ ଥିବା ଲୁହାପଥର, କୋଇଲା ଓ ମାଙ୍ଗାନିଜ ଧାତୁ ମଧ୍ୟରୁ ପ୍ରାୟ ଅଧେ ଏହି ରାଜ୍ୟର ଭୂଗର୍ଭରେ ଗଚ୍ଛିତ ଅଛି । ବିଦ୍ୟୁତଶକ୍ତି ଉତ୍ପାଦନ ପାଇଁ ଏଠାରେ ଅପରିସୀମ ସୁଯୋଗ ରହିଛି । ଏହି ସବୁ ଖଣିଜ ସମ୍ପଦର ବିନିଯୋଗ ପାଇଁ ରାଉରକେଲା ଠାରେ ପ୍ରଥମ କରି ଗୋଟିଏ ଇସ୍ପାତ୍ କାରଖାନା ପ୍ରତିଷ୍ଠିତ ହୋଇଛି । ଆଉ ଏକ ଇସ୍ପାତ କାରଖାନା ଏବଂ ସେପରି ଆହୁରି କାରଖାନା ପ୍ରତିଷ୍ଠା କରିବା ପାଇଁ ସୁବିଧା ଅଛି । ତାଳଚେର ଠାରେ ଯେଉଁ ଭଳ ବହିନ୍ଧ ଶିଳ୍ପ କାରଖାନା ସ୍ଥାପନ ପାଇଁ ପରିକଳ୍ପନା ପ୍ରସ୍ତୁତ ହୋଇଛି, ସେହିଭଳି ଅନ୍ୟାନ୍ୟ ସ୍ଥାନରେ ରାସାୟନିକ ସାର କାରଖାନା, ତୈଳ ବିଶୋଧନାଗାର ଓ ଅନ୍ୟାନ୍ୟ କାରଖାନା ପ୍ରତିଷ୍ଠା ପାଇଁ ସୁବିଧା ରହିଛି । ଏଗୁଡ଼ିକ ପାରାଦୀପ ବନ୍ଦର କିମ୍ବା ଅନ୍ୟ ଯେ କୌଣସି ଅଞ୍ଚଳରେ ପ୍ରତିଷ୍ଠା କରାଯାଇ ପାରିବ ।

ସୁନାବେଡ଼ା ମିଗ୍ ବିମାନ ଇଞ୍ଜିନ କାରଖାନା, ରାୟଗଡ଼ାସ୍ଥିତ କାଗଜ ଓ ଫେରୋସିଲିକନ୍ କାରଖାନା ଉକ୍ତ ଅଞ୍ଚଳରେ ପ୍ରସ୍ତାବିତ ସିମେଣ୍ଟ ଓ ଆଲୁମିନିୟମ କାରଖାନା ଏବଂ ମାଚ୍ଛକୁଣ୍ଡ, ବାଲିମେଲା ଓ ପରେ କୋଲାବ ଓ ଇନ୍ଦ୍ରାବତୀ ଯୋଜନାରୁ ଯେଉଁ ଜଳ ବିଦ୍ୟୁତ୍ ମିଳିବ, ସେ ସବୁ ଫଳରେ ଉକ୍ତ ଅଞ୍ଚଳର ଶିଳ୍ପ ପ୍ରସାରର ପଥ ଉନ୍ମୁକ୍ତ ହେବ । ଲୁହା ପଥର ରପ୍ତାନି ନିମନ୍ତେ ବାଇଲାଡିଲା ଲୁହା ପଥର ଖଣି ଓ ବିଶାଖାପାଟଣା ବନ୍ଦରକୁ ସଂଯୋଗ କରୁଥିବା ଡି. ବି. କେ. ରେଳ ରାସ୍ତା ନିର୍ମିତ ହେବା ଫଳରେ ଏହି ପାର୍ବତ୍ୟ ଅଞ୍ଚଳ ସହିତ ଯୋଗାଯୋଗ ସ୍ଥାପିତ ହୋଇ ପାରିଛି । ସମଗ୍ର ରାଜ୍ୟରେ, ବିଶେଷ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ଯାତାୟାତ ସୁବିଧାର ବିଶେଷ ଅଭାବ ରହିଛି ।

ହୀରାକୁଦ ଯୋଜନା ସମ୍ପୂର୍ଣ୍ଣ ହେବା ପରେ ପରେ ଓଡ଼ିଶାର ସମୃଦ୍ଧିର ପଥ ଉନ୍ମୁକ୍ତ ହେଲା । ମହାନଦୀ ଅବବାହିକା ଉନ୍ନୟନ ଯୋଜନାର ଶେଷ ପର୍ଯ୍ୟାୟ

ପାରାଦୀପ ବନ୍ଦରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଫଳରେ ଓଡ଼ିଶାର ଦ୍ରୁତ ବିକାଶ ସମ୍ଭବ ହୋଇ ପାରିବ । କଟକ-ପାରାଦୀପ ରେଳ ରାସ୍ତାର ନିର୍ମାଣ କାର୍ଯ୍ୟ ୧୯୬୯ ଫେବୃଆରୀ ୧୨ ତାରିଖରେ ଆରମ୍ଭ ହେବ ଏବଂ ଦୁଇ ବର୍ଷ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବ । ମୋର ଦୃଢ଼ ବିଶ୍ୱାସ ଯେ ତାଳଚେର-ବିମଳଗଡ଼ ରେଳ ରାସ୍ତାର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ହାତକୁ ନିଆଯିବ । ଏହି ରାସ୍ତା ନିର୍ମିତ ହେଲେ ରାଉରକେଲା ଇସ୍ପାତ୍ କାରଖାନା ଏବଂ ଉତ୍ତର ଓ ପଶ୍ଚିମ ଓଡ଼ିଶାର ଲୁହା ପଥର, ମାଙ୍ଗାନିଜ ତଥା କୋଇଲା ଖଣି ସହିତ ପାରାଦୀପ ବନ୍ଦର ମଧ୍ୟରେ ସିଧା ସଳଖ ଯୋଗସୂତ୍ର ପ୍ରତିଷ୍ଠିତ ହୋଇ ପାରିବ । ଏ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଲେ ପାରାଦୀପ ବନ୍ଦରର ପୂର୍ଣ୍ଣ ବିକାଶ ଘଟିବା ସଙ୍ଗେ ସଙ୍ଗେ ରାଜ୍ୟରେ ସମୃଦ୍ଧିର ପଥ ଉନ୍ମୁକ୍ତ ହେବ ।

ନଦୀ ଅବବାହିକା ଯୋଜନା, ପାରାଦୀପ ବନ୍ଦର ଏବଂ ଖଣି ଓ ଶିଳ୍ପ ଯୋଜନାଗୁଡ଼ିକର ଦ୍ରୁତ ବିକାଶ ଉପରେ ରାଜ୍ୟର ଅର୍ଥନୈତିକ ବିକାଶ ନିର୍ଭରକରେ । ତେଣୁ ଏହି ଦ୍ରୁତ ବିକାଶ ହାସଲ ଦିଗରେ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ ନଚେତ କ୍ରମ-ବର୍ଦ୍ଧିତ ଲୋକ ସଂଖ୍ୟା ବୃଦ୍ଧିରୁ ଆମର ଉତ୍ପାଦନ ଯଥେଷ୍ଟ ହେବ ନାହିଁ କିମ୍ବା ଜନସାଧାରଣଙ୍କ ଜୀବନଧାରଣର ମାନକୁ ଉନ୍ନତ କରାଯାଇ ପାରିବ ନାହିଁ ।

ଏହି ରାଜ୍ୟର ଜନସାଧାରଣ ଅତ୍ୟନ୍ତ ମେଧାବୀ ଓ କର୍ମଠ ଏବଂ ନୂତନ ସୁଯୋଗ ଏବଂ ଉପଯୁକ୍ତ ପ୍ରେରଣା ପାଇଲେ ସେମାନେ କଠିନ ପରିଶ୍ରମ କରିବାକୁ କୁଣ୍ଠାବୋଧ କରିବେ ନାହିଁ । ଦୁଇ ତିନ ବର୍ଷ ପୂର୍ବେ ଆମର ଚାଷୀମାନେ ରକ୍ଷଣଶୀଳ ବୋଲି ବିବେଚିତ ହେଉଥିଲେ । କିନ୍ତୁ ଇତିମଧ୍ୟରେ ସେମାନେ ଆଧୁନିକ କୃଷି ପଦ୍ଧତି ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବା



ସଙ୍ଗେ ସଙ୍ଗେ ବୈଜ୍ଞାନିକ ପ୍ରଣାଳୀରେ ଚାଷ କ... କରୁଛନ୍ତି । ଏପରିକି ଧାନ, ମକା ଓ ଅନ୍ୟା... ଫସଲ ଉତ୍ପାଦନ କ୍ଷେତ୍ରରେ ସର୍ବାଧିକ ଉତ୍ପାଦନ... ଏକର ପିଛା ନୂତନ ରେକର୍ଡ ସୃଷ୍ଟି କରିପାରିଛ... ସେହିପରି ଆମର ଶିଳ୍ପ-ଉଦ୍ୟୋଗୀ ଓ ଶିଳ୍ପ... ମାନେ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆ... ପାରୁଛନ୍ତି । ଏହା ଏକ ବଳିଷ୍ଠ ଜନ ଜାଗୃତିର ସୂଚ...

ନିରାଶ ଅଥବା ଆଶାବାଦୀମାନେ ଯାହା କହନ୍ତୁ ପଛକେ, ଦ୍ୱିତୀୟ ମହାସମରର ପରେ ପରେ ପୃ... ବିଶ୍ୱରେ ସୃଷ୍ଟି ହୋଇଥିବା ଗଣ୍ଡଗୋଳିଆ ପରିସ୍ଥି... ସତ୍ତ୍ୱେ ଭାରତ ସ୍ୱାଧୀନତା ହାସଲ ପରଠାରୁ ୨୧ ବ... ମଧ୍ୟରେ ବହୁ ଅଗ୍ରଗତି କରିଛି ବୋଲି ମୋର ଦୃ... ବିଶ୍ୱାସ । ବିଶେଷ କରି ନୂତନ କରି ସ୍ୱାଧୀନ... ହାସଲ କରିଥିବା ବିକାଶୋନ୍ମୁଖୀ ଦେଶମାନଙ୍କ... ମଧ୍ୟ ବହୁ ଅଗ୍ରଗତି ଘଟିଛି । ସେଗୁଡ଼ିକ ମଧ୍ୟରୁ ଅନେ... ଦେଶରେ ଆଜି ଗଣତନ୍ତ୍ର ଭୁସୁଡ଼ି ପଡ଼ୁଛି । ... ଭାରତରେ ଗଣତନ୍ତ୍ର ତଥା ଆଇନର ଶାସନ ... ପର୍ଯ୍ୟନ୍ତ ବଜାୟ ରହିଛି । ବେସାମରିକ, ଅ... ନୈତିକ ଏବଂ ସାମରିକ ଚାହିଦା ପୂରଣ ନିମ... ସମସ୍ତ ସୂତ୍ରର ପୂର୍ଣ୍ଣ କ୍ଷେତ୍ରରେ ମୌଳିକ ଶି... କାରଖାନା ନିମନ୍ତେ ଦୃଢ଼ ଭିତ୍ତି ସ୍ଥାପିତ ହୋ... ପାରିଛି । ବିଦ୍ୟୁତ ଉତ୍ପାଦନ ବହୁ ଗୁଣରେ ବୃ... ପାଇଛି । ଲକ୍ଷ ଲକ୍ଷ ଏକର ପରିମିତ ଚାଷ ଜମି... ଜଳସେଚନର ବ୍ୟବସ୍ଥା କରାଯାଇଛି । ... ଉତ୍ପାଦନ ବହୁ ପରିମାଣରେ ବୃଦ୍ଧି ପାଇଛି । ... ଓ ଶିଳ୍ପ ବିଜ୍ଞାନର ପ୍ରସାର ଘଟିଛି । ବିଦେ... ଆମଦାନୀ ହେଉଥିବା ବିଭିନ୍ନ ଶିଳ୍ପ ସାମଗ୍ରୀ ଓ ... ଗରି କୌଶଳ ପରିବର୍ତ୍ତେ ଆମ ଦେଶରେ ଉତ୍ପା... ଶିଳ୍ପ ସାମଗ୍ରୀ ଏବଂ ଦେଶୀୟ କାରିଗରି କୌଶ... ଆଦର ବଢ଼ିଛି । ତକନିକା ସୁବିଧାର ମଧ୍ୟ ... ପ୍ରସାର ଘଟିଛି, ଏବଂ ଏହା ସଙ୍ଗେ ...

ଜନସାଧାରଣଙ୍କ ପରମାୟୁ ମଧ୍ୟ ବୃଦ୍ଧି ପାଇଛି । ଇତି ମଧ୍ୟରେ ଦେଶରେ ସାକ୍ଷର ସଂଖ୍ୟା ଆଶାତୀତଭାବେ ବୃଦ୍ଧି ପାଇଛି ।

ଏ ସମସ୍ତ ଅଗ୍ରଗତି ସତ୍ତ୍ୱେ ଆମେ ଲକ୍ଷ୍ୟ ତୁଳନାରେ ବହୁ ପଛରେ ରହିଛୁ ଏବଂ ଆମକୁ ଅନେକ କିଛି କରିବାକୁ ପଡ଼ିବ । ୧୯୬୨ ମସିହାରେ ଚୀନ ଓ ୧୯୬୫ ମସିହାରେ ପାକିସ୍ତାନ ଆକ୍ରମଣ ଫଳରେ ଆମ ଅର୍ଥନୀତିରେ ଗୁରୁତର ଆଞ୍ଚ ଆସିଛି । ଆମ ଅର୍ଥନୈତିକ ବିପର୍ଯ୍ୟୟର ଅନ୍ୟ କାରଣ ହେଲା, ୧୯୭୧ ମସିହାର ବନ୍ୟା ସାଙ୍ଗକୁ ୧୯୬୬-୬୭ ଓ ୧୯୭୪ ମସିହାର ମରୁଡ଼ି ଏବଂ ବିଗତ ଦୁଇବର୍ଷ ବ୍ୟାପି ଦେଖା ଦେଇଥିବା ବାତ୍ୟା । ବ୍ୟାପକ ଲୋକ ସଂଖ୍ୟା ବୃଦ୍ଧି ଫଳରେ ଯୋଜନାବଦ୍ଧ ଉନ୍ନୟନରୁ ମିଳିଥିବା ସମସ୍ତ ସୁଫଳ ସେମାନଙ୍କ ପଛରେ ସଦୁପଯୋଗ ହୋଇଛି । ଦରଦାମ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଜୀବନ ଧାରଣର ମୂଲ୍ୟସୂଚୀ ବିଶେଷ ବଢ଼ି ଯାଇଛି । ଦରଦାମ ବୃଦ୍ଧି ଅନୁପାତରେ ମଜୁରି ବୃଦ୍ଧି ପାଇନାହିଁ । ଜୀବନ ଧାରଣ ନିମନ୍ତେ ବିଭିନ୍ନ ସୁଖ ସ୍ୱାଚ୍ଛନ୍ଦ୍ୟର ସୁବିଧା ମିଳୁଥିଲେ ମଧ୍ୟ ଜୀବନ ସଂଗ୍ରାମ ଅତ୍ୟନ୍ତ ତୀବ୍ର ହୋଇ ଉଠିଛି । ବିଶେଷ ...ରି ଦାରିଦ୍ର୍ୟ ସ୍ତରଠାରୁ ନିମ୍ନରେ ଥିବା ଅନୁନ୍ନତ ...ଶ୍ରେଣୀର ଲୋକମାନଙ୍କ ଅବସ୍ଥା ଶୋଚନୀୟ । ଧନୀ ...ନିର୍ଦ୍ଧନ ଶ୍ରେଣୀଙ୍କ ମଧ୍ୟରେ ପାର୍ଥକ୍ୟ କ୍ରମଶଃ ବୃଦ୍ଧି ...ଇଛି ।

ଏ ସମସ୍ତ ପ୍ରତିକୂଳ ପରିସ୍ଥିତି ସାମାଜିକ ଶୃଙ୍ଖଳା ...ଆ ଜାତୀୟ ସଂହତି ପ୍ରତି ବିପଦ ସ୍ୱରୂପ । ...ନସାଧାରଣଙ୍କ ମଧ୍ୟରେ ବିଶେଷକରି ସୁଖ ସୁବିଧା ...ସୁଯୋଗରୁ ବଞ୍ଚିତ ଏବଂ ଅନୁନ୍ନତ ଶ୍ରେଣୀର ...କମାନଙ୍କ ମଧ୍ୟରେ ଗଣ ଶିକ୍ଷାର ପ୍ରସାର ସଙ୍ଗେ ...ଙ୍କ ଅର୍ଥନୈତିକ ବିକାଶ ଘଟାଇ ଉପରୋକ୍ତ ...କୂଳ ପରିସ୍ଥିତିକୁ ମୁକାବିଲା କରିବାକୁ ପଡ଼ିବ ।

ଓଡ଼ିଶାରେ ଅନୁନ୍ନତ ଶ୍ରେଣୀଙ୍କ ସଂଖ୍ୟା ହାରାହାରି ମୋଟ ଲୋକ ସଂଖ୍ୟାର ଶତକଡ଼ା ୬୭ ଭାଗ । ଏମାନଙ୍କ ମଧ୍ୟରୁ ଶତକଡ଼ା ୨୫ ଭାଗ ହେଉଛନ୍ତି ଆଦିବାସୀ ଓ ଶତକଡ଼ା ୧୫·୭୫ ଭାଗ ହରିଜନ । ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ନିରକ୍ଷର ଓ ଭୂମି ହୀନ । ସେମାନେ ସମସ୍ତେ ଦରିଦ୍ର ଅବସ୍ଥାରେ କାଳାତିପାତ କରନ୍ତି । ଏହି ଶ୍ରେଣୀର ଲୋକମାନେହିଁ ମୁଖ୍ୟତଃ ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ ସାଙ୍ଗକୁ ଅର୍ଥନୈତିକ ମାନ୍ଦାବସ୍ଥା ଜନିତ କୁପ୍ରଭାବର ଶିକାର ହୋଇଥାନ୍ତି । ୧୯୬୧ ମସିହାର ଜନଗଣନା ଅନୁଯାୟୀ ଆଦିବାସୀମାନଙ୍କ ମଧ୍ୟରେ କେବଳ ଶତକଡ଼ା ୭·୪ ଭାଗ ଓ ହରିଜନମାନଙ୍କ ମଧ୍ୟରେ ଶତକଡ଼ା ୧୧·୭ ଭାଗ ମାତ୍ର ଲେଖିପଢ଼ି ପାରୁଥିଲେ । ୧୯୭୭ ମସିହାରେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କ ମଧ୍ୟରୁ ଶତକଡ଼ା ୨·୭ ଭାଗ ହେଉଛନ୍ତି ଆଦିବାସୀ ଛାତ୍ର ଓ ଶତକଡ଼ା ୩·୧ ଭାଗ ହରିଜନ ଛାତ୍ର । ସେହିପରି ଡିଗ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରମାନଙ୍କ ମଧ୍ୟରୁ ଏହି ଦୁଇ ସମ୍ପ୍ରଦାୟର ଛାତ୍ରଙ୍କ ସଂଖ୍ୟା ନିତାନ୍ତ ନଗଣ୍ୟ । ଅନୁନ୍ନତ ଶ୍ରେଣୀର ଲୋକମାନେ ଉଚ୍ଚ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିବାରୁ ସେମାନେ ଅଭାବଗ୍ରସ୍ତ ଜୀବନଯାପନ କରୁଛନ୍ତି । ସ୍ୱାଧୀନତା ହାସଲ ପରଠାରୁ ଏହି ଶ୍ରେଣୀର ଲୋକମାନଙ୍କ ଶିକ୍ଷାଗତ ତଥା ଅର୍ଥନୈତିକ ବିକାଶ ନିମନ୍ତେ ପ୍ରତିବର୍ଷ ପ୍ରଚୁର ଅର୍ଥ ବିନିଯୋଗ କରାଯାଉଛି । କିନ୍ତୁ ଏହାସତ୍ତ୍ୱେ ଆଶାନୁରୂପ ସୁଫଳ ମିଳିନାହିଁ । କଲେଜ ଓ ସ୍କୁଲମାନଙ୍କରେ ଏହି ଶ୍ରେଣୀର ଛାତ୍ରମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ସଂଖ୍ୟକ ସ୍ଥାନ ସଂରକ୍ଷିତ ରଖାଯାଇଛି । ଚାକିରି କ୍ଷେତ୍ରରେ ମଧ୍ୟ ସେମାନଙ୍କ ପାଇଁ ସଂରକ୍ଷିତ ଅଛି ।

କିନ୍ତୁ ଏହି ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଖୁବ୍ କମ୍ ସଂଖ୍ୟକ ଲୋକ ସାକ୍ଷର ଏବଂ ସେମାନଙ୍କ ମଧ୍ୟରୁ ଆହୁରି କମ୍ ସଂଖ୍ୟକ ଛାତ୍ର ଉଚ୍ଚ

ଶିକ୍ଷା ଲାଭର ସୁଯୋଗ ଗ୍ରହଣ କରିଥାନ୍ତି । ଏହା ଫଳରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ବହୁ ସୁଯୋଗ ରହିଥିଲେ ମଧ୍ୟ ଅଥବା ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ହେଉଥିଲେ ମଧ୍ୟ ଏହି ଶ୍ରେଣୀର ଛାତ୍ରମାନେ ଆବଶ୍ୟକୀୟ ଯୋଗ୍ୟତା ହାସଲ କରିବାରେ ଅସମର୍ଥ ହେଉଥିବାରୁ ସେସବୁ କ୍ଷେତ୍ରରେ ପ୍ରତିଯୋଗିତା କରିପାରୁ ନାହାନ୍ତି । ଏହାର ପରିଣାମ ସ୍ୱରୂପ ସେମାନେ ରାଜ୍ୟର ଅନ୍ୟାନ୍ୟ ଜନସାଧାରଣଙ୍କଠାରୁ ପୃଥକ ହୋଇ ପଡ଼ିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ଭଳି ଉତ୍ପାଦନ କ୍ଷେତ୍ରରେ ଅଂଶ ଗ୍ରହଣ କରି ପାରୁ ନାହାନ୍ତି । ତେଣୁ ତଳୁ ସ୍ତରରେ ଶିକ୍ଷାର ଦ୍ରୁତ ପ୍ରସାର ନିମନ୍ତେ ଜରୁରୀ ଓ ଚରମ ବ୍ୟବସ୍ଥା ଗ୍ରହଣ କରାନଗଲେ ସେମାନଙ୍କ ଅର୍ଥନୈତିକ ବିକାଶ ଘଟିବ ନାହିଁ ଏବଂ ଜାତୀୟ ପୁନଃଗଠନ କାର୍ଯ୍ୟରେ ସେମାନେ ଅଂଶୀଦାର ହୋଇ ପାରିବେ ନାହିଁ ।

ଆମେ ଯଦି ସମସ୍ତଙ୍କୁ ସାମାଜିକ ନ୍ୟାୟ ବିଚାର ତଥା ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ତାହାହେଲେ ଏହି ପରିସ୍ଥିତିର ସମାଧାନ ହୋଇପାରିବ ଏବଂ ଏହାଫଳରେ ସାମାଜିକ ଶୃଙ୍ଖଳା ବଜାୟ ରହିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ସ୍ୱାଧୀନତା ଓ ସମାଜବାଦୀ ଢାଞ୍ଚାରେ ପ୍ରତିଷ୍ଠିତ ସମାଜ ଗଠନ ଦିଗରେ ଆମ ଦେଶକୁ ଆଗେଇ ନେବ ।

ମୁଁ ଏଠାରେ ସୂଚନା ଦେବାକୁ ଚାହେଁ ଯେ ଆଦିବାସୀ ଓ ହରିଜନମାନଙ୍କ ସମେତ ଓଡ଼ିଶାର ଅନୁନ୍ନତ ଅଞ୍ଚଳରେ ଶିକ୍ଷାଗତ ତଥା ଅର୍ଥନୈତିକ ବିକାଶ ନିମନ୍ତେ ୧୯୭୭ ମସିହା ଜୁଲାଇ ମାସଠାରୁ ଦୟାନନ୍ଦ ଆଙ୍ଗ୍ଲୋବୈଦିକ କଲେଜ ଟ୍ରଷ୍ଟ ଓ ପରିଚାଳନା ସମିତି ତରଫରୁ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ଅନୁଷ୍ଠାନ ତରଫରୁ ରାଉରକେଲା, ଟିଟିଲାଗଡ଼ ଓ କୋରାପୁଟ ଅଞ୍ଚଳରେ ୩ଟି କଲେଜ ଏବଂ ୬ଟି ସ୍କୁଲ ସ୍ଥାପନ କରାଯାଇ ସାରିଛି । ଖୁବ୍ ନିକଟ... ଫୁଲବାଣୀ ଜିଲ୍ଲାରେ ଗୋଟିଏ ଶିକ୍ଷକ ତାଲିମ କେନ୍ଦ୍ର... ଗୋଟିଏ ବୈଷୟିକ ବିଦ୍ୟାଳୟ ଓ ଅନ୍ୟ... ସହାୟକ ନର୍ସ ଓ ଧାତ୍ରୀ ତାଲିମ କେନ୍ଦ୍ର ସ୍ଥା... କରାଯିବ । ରାଉରକେଲା, ଟିଟିଲାଗଡ଼, କାନ୍ତା... କୋରାପୁଟଠାରେ ଖୋଲାଯାଇଥିବା ଡି. ଏ. ଭି. ... କେନ୍ଦ୍ର ଗୁଡ଼ିକ ନିକଟରେ ଗୋଟିଏ ଲେଖାଏ ଶିକ୍ଷା... କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏ ସମସ୍ତ ଶି... ଅନୁଷ୍ଠାନ ଗୁଡ଼ିକୁ କେନ୍ଦ୍ର କରି ସମ୍ପୃକ୍ତ ... ଆଭ୍ୟନ୍ତରୀଣ ଅଞ୍ଚଳରେ ଅନ୍ୟାନ୍ୟ ବିଦ୍ୟାଳୟ ଓ... ବୈଷୟିକ ବିଦ୍ୟାଳୟମାନ ଗଢିଉଠିବା ସଙ୍ଗେ ସ... ଶିକ୍ଷା ଓ ବୈଷୟିକ ଜ୍ଞାନର ପ୍ରସାର ଘଟାଇବ । ଏଭଳି ସୁପରିକଳ୍ପିତ, ବ୍ୟାପକ ତଥା ସମନ୍ୱୟମୂଳକ... ପରିକଳ୍ପନା କାର୍ଯ୍ୟକାରୀ ହେବା ଫଳରେ ଏ ସମ୍ପ... ଅନୁନ୍ନତ ଅଞ୍ଚଳରୁ ନିରକ୍ଷରତା ଲୋପ ପାଇବ... ସଙ୍ଗେ ସଙ୍ଗେ ଅର୍ଥନୈତିକ ବିକାଶ ଘଟାଇବାରେ ସହାୟକ ହେବ । ଏ ସମସ୍ତ କାର୍ଯ୍ୟକ୍ରମ ସରକାର... ଉଦ୍ୟମର ପରିପୂରକ ହେବ ।

ସମଗ୍ର ରାଜ୍ୟର ବିଶେଷ କରି ଏପର୍ଯ୍ୟନ୍ତ ସୁ... ସୁବିଧାରୁ ବଞ୍ଚିତ ହୋଇ ପଡ଼ିଥିବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଓ ଅର୍ଥନୈତି... ବିକାଶ ଘଟାଇବା ଦିଗରେ ଛାତ୍ର ସମାଜ କିଭଳି ସାହାଯ୍ୟ କରି ପାରିବେ ବର୍ତ୍ତମାନ ତାହାହିଁ ପ୍ରଶ୍ନ । ଆମେ ବୟୋବୃଦ୍ଧ ଲୋକମାନେ ଆଜି ଯେ ସାହାଯ୍ୟ କରିପାରିବୁ ନାହିଁ ଏହା ନିତାନ୍ତ ସ୍ୱାଭାବିକ । କ୍ରମଶଃ ଆମେ କର୍ମକ୍ଷେତ୍ରରୁ ବିଦାୟ ନେବୁ । ଭବିଷ୍ୟତ ଛାତ୍ରମାନଙ୍କ ଉପରେ ପୁରାପୁରି ନିର୍ଭର କରେ । ତେଣୁ ଛାତ୍ରମାନେ ପରିସ୍ଥିତି ସମ୍ପର୍କ... ପରିଚିତ ହୋଇ ଦେଶ ତଥା ଜାତିର କଲ୍ୟାଣ ନିମନ୍ତେ ପ୍ରସ୍ତୁତ ହେବା ଉଚିତ ।

ଅବଶିଷ୍ଟାଂଶ ୩୮ ପୃଷ୍ଠା ଦେଖନ୍ତୁ

ନ୍ଦ୍ରଶେଖର ମହାପାତ୍ର

# ମହାତ୍ମା ଗାନ୍ଧୀ—ଜିନ୍ଦାବାଦ

ମୁଖ୍ୟତଃ ଖ୍ରୀଷ୍ଟିଆନ ଅଧିବାସୀ-ବିଶିଷ୍ଟ ପାଶ୍ଚାତ୍ୟ ଦେଶମାନଙ୍କରେ ଶାସନ କ୍ଷେତ୍ରରେ ଯୀଶୁ ଖ୍ରୀଷ୍ଟଙ୍କର ଭାବ ଯେପରି ଅନୁଭବ କରିବା କଷ୍ଟସାଧ୍ୟ ଆଜି ଭାରତରେ ମଧ୍ୟ ଗାନ୍ଧୀଜୀଙ୍କର ପ୍ରଭାବ ଅନୁଭବ କରିବା କ'ଣ ସେହିପରି କଷ୍ଟସାଧ୍ୟ? ଏହାହିଁ ଆଜି ର ପ୍ରଧାନ ବିବାଦୀୟ ଏବଂ ଆଲୋଚନାର ବିଷୟରେ ପରିଣତ ହୋଇଅଛି ।

ସଂବିଧାନର ନୀତି ନିର୍ଦ୍ଦେଶରେ କୁହାଯାଇଛି ଯେ ଶାସନର ବିକେନ୍ଦ୍ରୀକରଣପାଇଁ ଗ୍ରାମ ପଞ୍ଚାୟତ ଗଠନ କରାଯିବ, ୧୪ ବର୍ଷ ବୟସ ପର୍ଯ୍ୟନ୍ତ ର ବାଳକମାନଙ୍କପାଇଁ ବିନା ଖର୍ଚ୍ଚରେ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା କରାଯିବ, ନିଶା ନିବାରଣ ପାଇଁ ଉଦ୍ୟମ ହେବ, ଆପୋଷ ବୁଝାମଣା ଆଲୋଚନାଦ୍ୱାରା ଆନ୍ତର୍ଜାତିକ ବିବାଦଗୁଡ଼ିକର ସମାଧାନପାଇଁ ଉଦ୍ୟମ ହେବ, ଇତ୍ୟାଦି । ଗାନ୍ଧୀଜୀଙ୍କର ପ୍ରଭାବରେ ଏହିସବୁ ନୀତି ନିର୍ଦ୍ଦେଶ ଦିଆଯାଇଅଛି ।

ଦେଶକୁ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବାପାଇଁ ମଧ୍ୟ ଗାନ୍ଧୀଜୀ ସ୍ୱାଧୀନତା ପୂର୍ବରୁ ଏବଂ ପରେ ବାରମ୍ବାର ମତ ପ୍ରକାଶ କରିଥିଲେ । ସମ୍ବିଧାନରେ ଏହି ପ୍ରଭାବ ଦୃଷ୍ଟିଗୋଚର ହେଉଛି ସ୍ପଷ୍ଟ । ଗଣତାନ୍ତ୍ରିକ ସମାଜବାଦ ଲକ୍ଷ୍ୟ ହାସଲ ପାଇଁ ଦେଶରେ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରିବାରେ ମଧ୍ୟ ଗାନ୍ଧୀଜୀଙ୍କର ପ୍ରଭାବ ରହିଅଛି । କାରଣ ସରକାର ବଳଦ୍ୱାରା ଜାତୀୟକରଣ ପରିବର୍ତ୍ତେ ଲୋକ ସମର୍ଥନ ଅନୁଯାୟୀ ଏ ଦିଗରେ ଅଗ୍ରଗତି ଚାହିଁଥିଲେ ।

ଅବଶ୍ୟ ଗାନ୍ଧୀଜୀ ଜାତୀୟ କଂଗ୍ରେସକୁ ଏକ ଲୋକ-ସେବକ ସଙ୍ଘରେ ପରିଣତ କରି ଏହି ଅନୁଷ୍ଠାନକୁ ରାଜନୀତିରୁ ପୃଥକ ରଖିବାକୁ ଚାହିଁଥିଲେ । ମାତ୍ର ସନ୍ତାନଟିଏ ଜନ୍ମହେବା ପରେ ତା'ର ପ୍ରତି-ପାଳନ ଦାୟିତ୍ୱ ଧାଈ ହାତରେ ଛାଡିଦେଇ ମାଆ ନୀରବ ଓ ନିଶ୍ଚିନ୍ତ ରହିବା ସମ୍ଭବ ନୁହେଁ । ଦେଶ-ଗଠନ ଦିଗରେ ସ୍ୱାଧୀନତା ସଂଗ୍ରାମ ଚାଲିଥିବା-ବେଳେ କଂଗ୍ରେସ ପକ୍ଷରୁ ବହୁ ପ୍ରତିଶ୍ରୁତି ଦିଆଯାଇଥିଲା । ଏସବୁ ପ୍ରତିଶ୍ରୁତି ଦାୟିତ୍ୱ ପାଳନରୁ ଓହରି ଯିବାଦ୍ୱାରା ଦେଶପ୍ରତି ଅନ୍ୟାୟ କରାଯିବ ବୋଲି କଂଗ୍ରେସ ଉପଲବ୍ଧି କରିଥିଲା । ବାସ୍ତବିକ

ସେତେବେଳେ ଅନ୍ୟ କୌଣସି ରାଜନୈତିକ ଦଳର ଏପରି ଦେଶ ସାରା ସଙ୍ଗଠନ ମଧ୍ୟ ନ ଥିଲା । ତେଣୁ ଦେଶର ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ଦାୟିତ୍ୱ କଂଗ୍ରେସ ବ୍ୟତୀତ ଅନ୍ୟ କାହା ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା ।

ମାତ୍ର ଏ କ୍ଷେତ୍ରରେ ମଧ୍ୟ ଦେଶ ଗାନ୍ଧୀଜୀଙ୍କ ପ୍ରତି ବିଶ୍ୱାସଘାତକତା କରିଛି ବୋଲି କହିହେବ ନାହିଁ । ସେହିଁ ଗଠନମୂଳକ କର୍ମୀମାନେ ଗାନ୍ଧୀଜୀଙ୍କର ଜୀବଦ୍ଦଶାରେ ରାଜନୈତିକ କ୍ଷମତା ମୋହଠାରୁ ଦୂରରେ ରହି ଅବହେଳିତ ଗାଁ ଗହଳରେ ଗ୍ରାମ ତଥା ଗ୍ରାମବାସୀଙ୍କର କଲ୍ୟାଣ ଉନ୍ନତିପାଇଁ ଆତ୍ମ ନିୟୋଗ କରିଥିଲେ ସ୍ୱାଧୀନତା ପରେ ସେମାନେ ସର୍ବସେବା ସଂଘ ଗଠନ କରି ଗାନ୍ଧୀଜୀଙ୍କର ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦିଗରେ ଉଦ୍ୟମ ଚଳାଇ ଆସୁଛନ୍ତି । ସେମାନେ କ୍ଷମତା ରାଜନୀତିଠାରୁ ଦୂରରେ ରହି କାର୍ଯ୍ୟରେ ଆତ୍ମ ନିୟୋଗ କରି- ଅଛନ୍ତି । ବରଂ କ୍ଷମତା ରାଜନୀତିରେ ପୂର୍ବରୁ ବିଶ୍ୱାସ କରୁଥିବା ବହୁ ବିଶିଷ୍ଟ ଜନନେତା ମଧ୍ୟ ଆଚାର୍ଯ୍ୟ ବିନୋବାଙ୍କ ନେତୃତ୍ୱରେ ଜନଜାଗରଣ ଜରିଆରେ ସର୍ବୋଦୟ ସମାଜ ପ୍ରତିଷ୍ଠାପାଇଁ ଗଭୀର ଆତ୍ମ- ବିଶ୍ୱାସର ସହିତ ବ୍ୟାପକ ଉଦ୍ୟମ ଓ ସଂଗଠନ ଚଳାଇଛନ୍ତି ।

ତେଣୁ ଗାନ୍ଧୀଜୀଙ୍କୁ ସ୍ୱାଧୀନତା ପରେ ଦେଶ ସମ୍ପୂର୍ଣ୍ଣ ଭାବେ ପଛକୁ ପକାଇ ଦେଇଛି ବୋଲି ବିଶ୍ୱସିବାର କାରଣ ନାହିଁ ।

ଗାନ୍ଧୀଜୀ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇ ମାତ୍ର ୨୭ ବର୍ଷ ମଧ୍ୟରେ ଭାରତକୁ ସ୍ୱାଧୀନ କରିବାରେ ସଫଳତା ଲାଭ କରିବାରୁ ସାରା ବିଶ୍ୱରେ ଅହିଂସା ପନ୍ଥାରେ ଜନ ସଂଗ୍ରାମ ଫଳପ୍ରଦ ହୋଇପାରିବ ବୋଲି ଆସ୍ଥା ସୃଷ୍ଟି ହୋଇଅଛି । ସମ୍ପ୍ରତି ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ଏହି ପନ୍ଥାର ଉପା... କ୍ରମଶଃ ଅଧିକରୁ ଅଧିକ ଅନୁଭୂତ ହୁଏ । ... ଅସ୍ତ୍ର ଶସ୍ତ୍ର ଉତ୍ପାଦନରେ ବିନାଶ ସତ୍ତ୍ୱେ ... ପନ୍ଥାରେ ଆପୋଷ ଆଲୋଚନା ଜରିଆରେ ... ଆନ୍ତର୍ଜାତିକ ବିବାଦର ସମାଧାନପାଇଁ ... ଜାଗରଣ ଦେଖାଦେଇଅଛି ।

ଗାନ୍ଧୀଜୀ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ... ପରେ ଦେଶରେ ଯେପରି ଐକ୍ୟ ପାଇଁ ଭାବପ୍ର... ସୃଷ୍ଟି କରିଥିଲେ, ଚୀନ୍ ଏବଂ ପାକିସ୍ଥାନର ... ଆକ୍ରମଣ ବେଳେ ଭାରତବାସୀ ସେହିପରି ... ଓ ଭାବପ୍ରବଣତାର ପୁନର୍ବାର ପରିଚୟ ଦେଇଥି...

ଉପସ୍ଥିତ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମା... ସମସ୍ୟାର ସମାଧାନପାଇଁ ମହାତ୍ମାଜୀ ଯେ... ଯେପରି ଭାବଗତ ମିଳନ ଏବଂ ଐକ୍ୟବଦ୍ଧ ... କରିବାକୁ ସ୍ୱଳ୍ପ ସମୟ ମଧ୍ୟରେ ସମର୍ଥ ହୋଇଥି... ଏଥିପାଇଁ ବିଭିନ୍ନ ଆଦର୍ଶ, ଧର୍ମ ଓ ମତର ... ଅଧିକ ଲୋକଙ୍କର ଶକ୍ତି ଓ ସମ୍ବଳର ନିୟୋଗ... ଗାନ୍ଧୀଜୀ ସମର୍ଥ ହୋଇଥିଲେ କ୍ରମେ ସରକାରୀ ... ବେସରକାରୀ କ୍ଷେତ୍ରରେ ସେହିପରି ... ଚଳାଇବାକୁ ନେତୃତ୍ୱ କେତେଦୂର ସମର୍ଥ ... ତାହା ଏକ ଆଲୋଚନାର ବିଷୟ ।

ଓଡ଼ିଶାରେ ବନ୍ୟା ଓ ମରୁଡ଼ିଗ୍ରସ୍ତ ... ଲୋକଙ୍କୁ ତୁରନ୍ତ ସଂସ୍ଥା ସାହାଯ୍ୟ ଏବଂ ... ଯୋଗାଇବାରେ, ବିହାରର ଭୂମିକମ୍ପ ଦ୍ୱାରା ... ଲୋକଙ୍କୁ ଯଥାଶୀଘ୍ର ସମ୍ବଳ ସାହାଯ୍ୟ ଓ ... କରିବାରେ ଯେତେ ଅଳ୍ପ ସମୟ ମଧ୍ୟରେ ଗାନ୍ଧୀ... ଉଦ୍ୟମ ଫଳପ୍ରଦ ହୋଇଅଛି, ସ୍ୱାଧୀନତା ... ଶାସନ କିମ୍ବା ଶାସନ ବାହାରେ ଥିବା ନେତା... ଦିଗରେ ସେହିପରି ଫଳପ୍ରଦ ହୋଇଅଛନ୍ତି କି ... ତା ମଧ୍ୟ ବିଚାର୍ଯ୍ୟ । ତିଳକଙ୍କ ସ୍ମୃତିରକ୍ଷା ଏବଂ ... ବନ୍ଧୁ ଚିତ୍ତରଞ୍ଜନଙ୍କର ସ୍ମୃତିରକ୍ଷା ପାଇଁ ...

ଯେତେ ଅଳ୍ପ ସମୟ ମଧ୍ୟରେ ଯେତେ ଅର୍ଥ ପାଇଲେ ଗାନ୍ଧୀଜୀଙ୍କର ମୃତ୍ୟୁ ପରେ ତାଙ୍କର ସ୍ମୃତିପାଇଁ ମଧ୍ୟ ସେହି ପରିମାଣରେ ଅର୍ଥ ମିଳିବା ସେପରି ସହଜସାଧ୍ୟ ହୋଇ ନ ଥିଲା ।

ସାମ୍ପ୍ରଦାୟିକ ଐକ୍ୟ ପ୍ରତିଷ୍ଠା, ଅସ୍ପୃଶ୍ୟତା ନିବାରଣ, ଏବଂ ଗ୍ରାମ ସଙ୍ଗଠନ ପାଇଁ ମହାତ୍ମାଜୀ ଦେଶର ସହସ୍ର ସହସ୍ର ନର ନାରୀଙ୍କୁ ବିନିଯୋଗ କରିଥିଲେ । ଯେ କୌଣସି ସ୍ଥାନରେ ଏହିଭଳି ସବୁ ସମସ୍ୟାର ପ୍ରତିକାରପାଇଁ ଦଳମତ ନିର୍ବିଶେଷରେ ଗାନ୍ଧୀଜୀ ଯେତେ ଅଧିକ ଲୋକଙ୍କୁ ଐକ୍ୟବଦ୍ଧ କରିବାକୁ ସମର୍ଥ ହେଉଥିଲେ ତା' ଏବେ ମଧ୍ୟ ଦେଶରେ ଆଦର୍ଶ ହୋଇ ରହିଅଛି । ବାସ୍ତବ କ୍ଷେତ୍ରରେ କ୍ଷମତା ରାଜନୀତି ବିଭେଦକୁ ଏତେ ବୃଦ୍ଧି କରୁଅଛି ଯେ ସମାଜ ସେବା ଉଦ୍ଦେଶ୍ୟରେ ଗଠିତ ରାଜନୈତିକ ଦଳ ଓ ତା'ର ନେତାମାନଙ୍କ ମଧ୍ୟରେ ଅନେକ ସାଧାରଣ ସୌଜନ୍ୟରକ୍ଷା ଦୃଷ୍ଟିରୁ ସାମାଜିକ କ୍ଷେତ୍ରରେ ମଧ୍ୟ ମିଳନର ସମ୍ଭବ ହେଉନାହିଁ ।

ଜିନ୍ନା, ଆମ୍ବେଦକର ଓ ସାଭରକର ପ୍ରଭୃତି ଗାନ୍ଧୀଜୀଙ୍କର ବିଭିନ୍ନ ସମୟରେ ସର୍ବାଧିକ ବିରୋଧ କରିଥିଲେ । ତଥାପି ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ପାଇଁ ଗାନ୍ଧୀଜୀ ସର୍ବଦା ଜିନ୍ନାଙ୍କ ସହିତ କାନ୍ଧ ମିଳେଇ ଆଗେଇବାକୁ ଆଗ୍ରହ ପ୍ରକାଶ କରିଥିଲେ । ଅସ୍ପୃଶ୍ୟତା ନିବାରଣପାଇଁ ଆମ୍ବେଦକରଙ୍କର ସହିତ ଏକତ୍ର ପଦକ୍ଷେପ ନେବାକୁ ତାଙ୍କର କେବେହେଲେ ନିଷ୍ପାପ ନିଷ୍ଠା ବା ଆନ୍ତରିକତାର ଅଭାବ ନ ଥିଲା । ମୋତିଲାଲ ନେହରୁ ଏବଂ ଚିରଞ୍ଜନ୍ କଂଗ୍ରେସର ବ୍ୟବସ୍ଥା ସଭାକୁ ବାସନ୍ଦ ମାତର ପରିଦର୍ଶନ କରିବାକୁ ଅସମର୍ଥ ହେବାପରେ କଂଗ୍ରେସରୁ ପୃଥକ୍ ହୋଇ ସ୍ୱରାଜ୍ୟ ଦଳ ଗଠନ କରିଥିଲେ । କଂଗ୍ରେସ ଗାନ୍ଧୀଜୀଙ୍କର ସମର୍ଥକଂକ ପ୍ରବଳ ସଂଖ୍ୟା ଗରିଷ୍ଠତା ଥିଲା । ଗାନ୍ଧୀଜୀ ବ୍ୟବସ୍ଥା ସଭାକୁ ଅସହଯୋଗ ଉଦ୍ଦେଶ୍ୟରେ ପ୍ରବେଶର ମଧ୍ୟ ବିରୋଧୀ ଥିବାରୁ ସେମାନେ କଂଗ୍ରେସରେ ଏହି ପ୍ରସ୍ତାବ ଗୃହୀତ କରାଇ ପାରି ନ ଥିଲେ । ଗାନ୍ଧୀଜୀ ଚାହିଁଥିଲେ ସେମାନଙ୍କୁ କଂଗ୍ରେସରୁ ସମ୍ପୂର୍ଣ୍ଣ ବାଦଦେଇ ପାରିଥାଆନ୍ତେ । ମାତ୍ର କଂଗ୍ରେସର ବଳ ଉଦ୍ୱାର ହ୍ରାସ ପାଇଯିବ ଏବଂ କଂଗ୍ରେସ ଭାଗ ଭାଗ ହୋଇଯିବ ବୋଲି ଉପଲବ୍ଧି କରିବାରୁ କଂଗ୍ରେସରେ ଐକ୍ୟ ରକ୍ଷାପାଇଁ ଗାନ୍ଧୀଜୀ କଂଗ୍ରେସ ପକ୍ଷରୁ ବ୍ୟବସ୍ଥା ସଭା ନିର୍ବାଚନର ସମ୍ମୁଖୀନ ହେବାପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରି ପୁଣି ସେମାନଙ୍କୁ କଂଗ୍ରେସକୁ ଫେରାଇ ଆଣିଥିଲେ । ସ୍ୱାଧୀନତା ପାଇଁ ଭାରତକୁ ବିଭେଦ କରିବାର ଗାନ୍ଧୀଜୀ ଘୋର ବିରୋଧୀ ଥିଲେ । ମାତ୍ର ପଣ୍ଡିତ ଜବାହରଲାଲ ଓ ସର୍ଦ୍ଦାର ପଟେଲଙ୍କୁ ସେ ଛାଡିବାକୁ ପ୍ରସ୍ତୁତ ନ ହୋଇ ଶେଷରେ ସେମାନଙ୍କୁ ସମର୍ଥନ ଜଣାଇବା ପାଇଁ ସେ କଂଗ୍ରେସ ତଥା ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ।

ଜୟପ୍ରକାଶ ଓ ଲୋହିଆ ପ୍ରଭୃତିଙ୍କ ନେତୃତ୍ୱରେ ସାମ୍ୟବାଦୀ ଦଳ ଗଠନ ଏବଂ ପାଶ୍ଚାତ୍ୟ ଧରଣରେ ଭାରତରେ ସ୍ୱାଧୀନତା ଏବଂ ଦେଶ ଗଠନ ପାଇଁ ଯେ କୌଣସି ପନ୍ଥା ଅନୁସରଣ କରିବାର ସେ ସ୍ପଷ୍ଟ ଭାବେ ବିରୋଧ କରିଥିଲେ । କିନ୍ତୁ ସେମାନଙ୍କର ତୀବ୍ର ଦେଶାତ୍ମବୋଧ ଥିବାରୁ ସେ ସର୍ବଦା ସେମାନଙ୍କୁ ସ୍ନେହ କରୁଥିଲେ ।

ଦେଶର ସମସ୍ୟାର ସମାଧାନ ପାଇଁ ଦଳଗତ ଓ ବ୍ୟକ୍ତିଗତ ବିଭେଦ ଓ ସଂଘର୍ଷରୁ ସେ ଆପଣାକୁ ଊର୍ଦ୍ଧ୍ୱରେ ଅସଂପୃକ୍ତ ରଖିବାକୁ ସମର୍ଥ ହେଉଥିଲେ । ସେଥିପାଇଁ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାର ସମାଧାନପାଇଁ ଦଳ ଓ ମତ, ଧର୍ମ ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତେ ତାଙ୍କର ମତ ପ୍ରତି ସମ୍ମାନ ଦେଉଥିଲେ ।

# ଆପଣଙ୍କ ପାଇଁ

## "ଓଜନ ନେବ ଜାଣି, ପଇସା ଦେବ ଗଣି"

* ଜିନିଷପତ୍ର କିଣିବା ବା ବିକିବାବେଳେ ନିକିତି ପ୍ରତି ଦୃଷ୍ଟି ରଖନ୍ତୁ ।

* ଲିଟର ଓ କିଲୋ ମଧ୍ୟରେ ସାମଞ୍ଜସ୍ୟ ନାହିଁ, ଏଥିରେ ପାର୍ଥକ୍ୟ ପ୍ରତି ଦୃଷ୍ଟି ଦିଅନ୍ତୁ ଅର୍ଥାତ୍ ୧ ଲିଟର ବିଶୁଦ୍ଧ ଜଳର ଓଜନ ୧ କିଲୋ ହେବ କିନ୍ତୁ ୧ ଲିଟର ସୋରିଷ ତେଲ, ନଡ଼ିଆ ତେଲ, ଜଡ଼ା ତେଲ ପ୍ରଭୃତିର ଓଜନ ୧ କିଲୋଠାରୁ କମ । ଏଣୁ ତରଳ ପଦାର୍ଥ କିଣିବା ବେଳେ ଲିଟରରେ ନେଲେ ୧ କିଲୋର ମୂଲ୍ୟ ଦିଅନ୍ତୁ ନାହିଁ ।

* ପ୍ୟାକେଜରେଥିବା ପଦାର୍ଥର ପରିମାଣ ଜାଣିବାପାଇଁ ଚେଷ୍ଟା କରନ୍ତୁ ଏବଂ ପ୍ୟାକେଜ୍ ଉପରେ ପରିମାଣ ଲେଖାଯାଇ ନ ଥିଲେ ସେଗୁଡ଼ିକୁ ଗ୍ରହଣ କରନ୍ତୁ ନାହିଁ । କାରଣ ଏଥିରେ ଠକାମିରେ ପଡ଼ିବାର ସମ୍ଭାବନା ରହିଛି ।

* ସରକାରଙ୍କଠାରୁ ଲାଇସେନ୍ସ ନ ନେଇ ମାପ ଓଜନ ବିକ୍ରି କରୁଥିବା ବ୍ୟବସାୟୀଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ । କାରଣ ଉକ୍ତ ନିକିତି, ବଟକରା ପ୍ରଭୃତି ସରକାରଙ୍କଦ୍ୱାରା ପରୀକ୍ଷା କରାଯାଇ ନ ଥାଏ ଏବଂ ଏଗୁଡ଼ିକ ନିର୍ଭୁଲ ନ ଥିବାର ସମ୍ଭାବନା ବେଶି ।

* ରେଡ଼ିମେଡ଼ ପୋଷାକଗୁଡ଼ିକରେ ଲେଖାଥିବା ସାଇଜ ଠିକ୍ ଅଛି କି ନା ଦେଖି କିଣନ୍ତୁ ।

* ଲିଟର, ମିଟର, କିଲୋଗ୍ରାମ, ବଟକରା, ପେଟ୍ରୋଲ ଓ ଡିଜେଲ ପମ୍ପ, କପେରିନ ମାପର ଯନ୍ତ୍ର ତଥା ପ୍ଲାଟ ଫାରମ ମେସିନ ପ୍ରଭୃତି ନିୟମିତ ଓଜନ ମାପ ବିଭାଗ ଦ୍ୱାରା ପରୀକ୍ଷା କରାଯାଇ ମୋହର ଦିଆଯାଇଥାଏ । ଏଗୁଡ଼ିକ ବ୍ୟବହାର କଲାବେଳେ ମୋହର ଠିକ ଅଛି କି ନା ଦେଖି ନିଅନ୍ତୁ ।

* ଜିନିଷ ପତ୍ର କାରବାରରେ ଓଜନ ଓ ମାପରେ ଠକାମୀ ଆପଣଙ୍କ ଦୃଷ୍ଟିକୁ ଆସିଲେ ସ୍ଥାନୀୟ ଓଜନ ମାପ ଇନସପେକ୍ଟର, ସହକାରୀ କଣ୍ଟ୍ରୋଲର ବା କଣ୍ଟ୍ରୋଲରଙ୍କ ସାହାଯ୍ୟ ନିଅନ୍ତୁ ।

# ଓଡ଼ିଶା ରାଜ୍ୟ ଗାନ୍ଧୀ ଶତବାର୍ଷିକୀ ପାଳନ ସଂପର୍କରେ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୧୯୬୮ରେ ସଂଘଟିତ କେତେକ ଉଲ୍ଲେଖଯୋଗ୍ୟ ଘଟଣା

ଜନକଟରେ ଭୁବନେଶ୍ୱରଠାରେ ଏକ ପକ୍ଷ ବ୍ୟାପୀ
ଏକ ଆଞ୍ଚଳିକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ।
ଓଡ଼ିଶାର ବିଭିନ୍ନ ଅଂଶରୁ ରଚନାତ୍ମକ କର୍ମୀମାନେ
ଏବଂ ବଙ୍ଗଳା ଓ ବିହାରରୁ କେତେକ କର୍ମୀ ତାଲିମ
ପାଇବା ପାଇଁ ଆସିଥିଲେ । ଗତ ବର୍ଷ ପରି ଏ ବର୍ଷ
ଧା ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କମିଟି ସଫଳତାର
ହିତ ଏହି ତାଲିମ ଶିବିର ପରିଚାଳନା କରିଥିଲେ ।

ପ୍ରସିଦ୍ଧ ଗାନ୍ଧୀ ଦାର୍ଶନିକ ଶ୍ରୀ ଶଙ୍କରରାଓ ଦେଓ
ବିର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ
ତ୍ସବରେ ଶିକ୍ଷା ମନ୍ତ୍ରୀ ଶ୍ରୀ ବନମାଳୀ ପଟ୍ଟନାୟକ ଓ
ଜନ ସଂପର୍କ ମନ୍ତ୍ରୀ ଶ୍ରୀ ହରିହର ପଟେଲ ଯୋଗ
ଦେଇଥିଲେ ।

ବିଭିନ୍ନ ଦଳର ନେତାମାନେ ନିଜ ନିଜର ମତ ଓ
ର୍ଯ୍ୟକ୍ରମ ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ବିଶଦଭାବରେ
ର କର୍ତ୍ତବ୍ୟ ବିଷୟ ଶିକ୍ଷା ଦେଇଥିଲେ ।
କଂଗ୍ରେସ ଦଳ ତରଫରୁ ଶ୍ରୀ ପବିତ୍ର ମୋହନ
ନ, ସ୍ୱତନ୍ତ୍ର ଦଳ ତରଫରୁ ଶ୍ରୀ ରାଜବଲ୍ଲଭ ମିଶ୍ର,
ଗ୍ରେସ ଦଳ ତରଫରୁ ଶ୍ରୀ ଦୀନବନ୍ଧୁ ସାହୁ, ପ୍ରଜା
ଜବାଦୀ ଦଳ ତରଫରୁ ଶ୍ରୀ ରବୀନ୍ଦ୍ର ମୋହନ ଦାସ,
କ୍ତ ସୋସିଆଲିଷ୍ଟ ଦଳ ତରଫରୁ ଶ୍ରୀ ରବି ରାୟ,
ତୀୟ କମ୍ୟୁନିଷ୍ଟ ଦଳ ତରଫରୁ ଶ୍ରୀ ରାମକୃଷ୍ଣ ପତି
ବନମାଳୀ ଦାସ ସୁଚିନ୍ତିତ ଭାଷଣ ଦେଇ ଥିଲେ ।

ଶ୍ରୀମତୀ ରମା ଦେବୀ, ଶ୍ରୀ ନବକୃଷ୍ଣ ଚୌଧୁରୀ, ଶ୍ରୀ ଏ. ଭି. ସ୍ୱାମୀ, ଶ୍ରୀ ରତନ ଦାସ, ଶ୍ରୀ ସୁଧାଂଶୁ ଶେଖର ଦାସ ଓ ଶ୍ରୀ ମନମୋହନ ଚୌଧୁରୀ ପ୍ରମୁଖ ବିଶିଷ୍ଟ ଗାନ୍ଧୀବାଦୀ ନେତାମାନେ ତାଲିମ ଶିବିରର ଦୈନିକ ଯାତ୍ରା ପରିଚାଳନା କରୁଥିଲେ ।

ଗାନ୍ଧୀବାଦ ଅନୁଶୀଳନ ପ୍ରତିଷ୍ଠାନ ଓ ଗାନ୍ଧୀ ପ୍ରତିଷ୍ଠାନର ବହୁ ବିଖ୍ୟାତ ଗବେଷଣାଳୟ ବିଦ୍ୟାର୍ଥୀମାନେ ଶିବିରରେ ଯୋଗ ଦେଇଥିଲେ ।

ତାଲିମଦାତା ଓ ତାଲିମପ୍ରାପ୍ତ ଜଉତ୍ସୁକ ଶିକ୍ଷାର୍ଥୀମାନଙ୍କର ଉତ୍ସାହ ଉଦ୍ଦୀପନା ମଧ୍ୟରେ ତାଲିମ ଶିବିରର ଉଦ୍‌ଯାପନ ଉତ୍ସବ ସମାପ୍ତ ହୋଇଥିଲା । ଓଡ଼ିଶାକୁ ଗାନ୍ଧୀଜୀଙ୍କ ପନ୍ଥାରେ ପରିଚାଳିତ କରିବାପାଇଁ ସବୁରି ଆଗ୍ରହ ପରିଲକ୍ଷିତ ହୋଇଥିଲା ।

× × ×

ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କମିଟିର ଆତିଥ୍ୟ ଗ୍ରହଣ କରି ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଓଡ଼ିଶା ପରିଦର୍ଶନରେ ଆସୁଛନ୍ତି । ଓଡ଼ିଶାରେ ଗାନ୍ଧୀ ଶତବାର୍ଷିକୀ ପାଳନର କାର୍ଯ୍ୟକଳାପ ଦେଖିକ ବଡ଼ୁଛି, ବାହାର ଲୋକେ କେତେକ ଏ ରାଜ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି । ଏହିକ ପରିସ୍ଥିତିରେ ଓଡ଼ିଶାରୁ ଗାନ୍ଧୀ ଆଦର୍ଶବାଦୀ ଓ ଗାନ୍ଧୀ ଅନୁମୋଦିତ ରଚନାତ୍ମକ କର୍ମୀମାନଙ୍କପାଖକୁ ନିମନ୍ତ୍ରଣ ପଠାଯାଉଛି ।

ଇତି ମଧ୍ୟରେ ଶ୍ରୀ ଶଙ୍କର ରାଓ ଦେଓ, ଡଃ ସୁଶୀଳା ନାୟାର, ଶ୍ରୀ ଜେ. ବି. କୃପାଳନୀ ପ୍ରମୁଖ ଗାନ୍ଧୀଙ୍କର କେତେକ ଅନୁଗାମୀ ଓଡ଼ିଶା ପରିଦର୍ଶନ କଲେଣି ଓ ସଭାସମିତିରେ ଭାଷଣ ଦେଲେଣି । ପଶ୍ଚିମ ଜର୍ମାନୀର ଗାନ୍ଧୀବାଦ ଗବେଷଣାକାରୀ ସୃତ୍ରଜଣ ଜର୍ମାନ ଓଡ଼ିଶା ଆସିଥିଲେ । ଆନ୍ତର୍ଜାତିକ ସାର୍ଭିସ ଅନୁଷ୍ଠାନର ୩୭ ଜଣ ସଭ୍ୟ ସୁସମ୍ପର୍କ ପ୍ରତିଷ୍ଠା କରିବା ନିମନ୍ତେ ଓଡ଼ିଶା ପରିଦର୍ଶନରେ ଆସିଥିଲେ । ଏହି ରୂପେ ରାଷ୍ଟ୍ରୀୟ ଓ ଆନ୍ତର୍ଜାତିକ ଗାନ୍ଧୀବାଦୀମାନଙ୍କ ସହିତ ଓଡ଼ିଶା ଗାନ୍ଧୀ ଶତବାର୍ଷିକୀ କମିଟିର ସମ୍ପର୍କ କ୍ରମଶଃ ବୃଦ୍ଧି ପାଉଛି ।

ବିଭିନ୍ନ ଜିଲ୍ଲା କମିଟିମାନେ ମଧ୍ୟେ ମଧ୍ୟେ ସଭାସମିତି ଆହ୍ୱାନ କରୁଛନ୍ତି ଏବଂ ସବ୍‌ଡିଭିଜନ, ବ୍ଲକ ଓ ପଞ୍ଚାୟତ ସ୍ତରରେ କମିଟିର କାର୍ଯ୍ୟ ବଢ଼ାଇବାର ଚେଷ୍ଟା କରୁଛନ୍ତି ।

ବିଶ୍ୱ ବିଦ୍ୟାଳୟମାନେ ଓ ବିଭିନ୍ନ ଶିକ୍ଷାନୁଷ୍ଠାନମାନେ ମଧ୍ୟ ସଭା ଓ ଆଲୋଚନାଚକ୍ରମାନ ଆୟୋଜନ କରୁଛନ୍ତି ।

ସ୍ତମ୍ଭ ଓ ଫଳକମାନଙ୍କରେ ମହାତ୍ମା ଗାନ୍ଧୀଙ୍କର ଏକାଦଶ ବ୍ରତ ଖୋଦନ କରିବାର ଓ ପୁସ୍ତକାଗାର ପ୍ରତିଷ୍ଠା କରିବାର ଆୟୋଜନ ସ୍ମୃତିରକ୍ଷା ଉପସମିତି କରୁଛନ୍ତି । ସାମାଜିକ କାର୍ଯ୍ୟକ୍ରମ ଉପସମିତି ଅସ୍ପୃଶ୍ୟତା ଓ ମାଦକତା ବିରୁଦ୍ଧରେ ଜନମତ ଗଠନ କରୁଛନ୍ତି । ଏହି ଉଦ୍ଦେଶ୍ୟରେ ଇତିମଧ୍ୟରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଗଠନ କରିବାରେ ଉପସମିତି ବ୍ୟାପୃତ ଅଛନ୍ତି । ସାହିତ୍ୟ ଉପସମିତିର ଉଦ୍ୟମ ଫଳରେ ରାଜ୍ୟରେ ଗାନ୍ଧୀ ସାହିତ୍ୟର ପ୍ରକାଶ ଓ ପ୍ରଚାର ଉତ୍ତରୋତ୍ତର ବୃଦ୍ଧି ପାଉଛି । ଗଠନାତ୍ମକ ଉପସମିତିର କର୍ମନିଷ୍ଠା ଯୋଗୁଁ ଲୋକେ ପ୍ରତ୍ୟହ ନୂଆ ନୂଆ ଗ୍ରାମଦାନ କରୁଛନ୍ତି । ଶିଶୁ ଓ ମହିଳା ସମିତିର ବ୍ୟାପକ ଉଦ୍ୟମ ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ଶିବିର ଓ ସେମିନା[...] ଅନୁଷ୍ଠିତ ହେଉଅଛି ।

ଜାତୀୟ ସଂହତି ଉପସମିତିର ଉଦ୍ୟମ ଛାତ୍ର[...] ମଧ୍ୟରେ କ୍ରିୟାଶୀଳ ହୋଇ ସେମାନଙ୍କ ମନୋବୃ[...] ଦ୍ରୁତ ପରିବର୍ତ୍ତନ ଘଟାଉଅଛି ।

ସଂସଦ ଉପସମିତିର ଉଦ୍‌ଯୋଗରେ ସମ୍ପ୍ରତି [...] ଉଲ୍ଲେଖ ଯୋଗ୍ୟ ଆଲୋଚନାଚକ୍ର ଆୟୋଜିତ ହୋ[...] ଥିଲା । ଏହି ଉପଲକ୍ଷେ ଶିକ୍ଷା ମନ୍ତ୍ରୀ ଶ୍ରୀ ବନମା[...] ପଟ୍ଟନାୟକ ସଭାପତି ହୋଇଥିଲେ । ବହୁ ଛା[...] ଶିକ୍ଷାବିତ୍‌ ଏଥିରେ ଯୋଗ ଦେଇଥିଲେ । ଗୋ[...] ସୁଖ ସ୍ୱାଚ୍ଛନ୍ଦ୍ୟ ଉପସମିତି ଓଡ଼ିଶାର ସର୍ବାଙ୍ଗ[...] ଗ୍ରାମ୍ୟଜଳ ଯୋଗାଇବାର ଚେଷ୍ଟା କରୁଛନ୍ତି । [...] ଫଳରେ ଗ୍ରାମ୍ୟ ଜଳର ଅଭାବ ଦୂରନ୍ତ ହୁଏ [...] ପାଇଁ ଓଡ଼ିଶାକୁ କିଛି ଅର୍ଥ ମିଳିବାର ଆ[...] କରାଯାଏ ।

ଏହି ରୂପେ ୧୯୬୮ ମସିହାର ଶେଷ [...] ଓଡ଼ିଶା ରାଜ୍ୟ ଗାନ୍ଧୀଜନ୍ମ ଶତବାର୍ଷିକୀ କମିଟି ପକ୍ଷ[...] ବିଶେଷ ଘଟଣାବହୁଳ ହୋଇଥିଲା ଏବଂ [...] କ୍ଷେତ୍ରକୁ ଏହାର କାର୍ଯ୍ୟ ବ୍ୟାପିଯାଇଛି ।

ଅକ୍ଟୋବର ୨ ତାରିଖରେ ଅନୁଷ୍ଠିତ [...] ଜୟନ୍ତୀ ଦିନ ଆନ୍ତର୍ଜାତିକ ଗାନ୍ଧୀ ଶତବାର୍ଷିକୀ ବର୍ଷ[...] ଆରମ୍ଭ ଘଟିଥିଲା । ଏହି ବର୍ଷାରମ୍ଭ ଉତ୍ସବ[...] ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, [...] ନିର୍ବାହିକା ସମିତିର ଚେୟାରମ୍ୟାନ ଡଃ ମହତା[...] ଏବଂ ଅନ୍ୟାନ୍ୟ ଅନେକ ବିଶିଷ୍ଟ ବ୍ୟକ୍ତି ଯୋ[...] ଦେଇଥିଲେ । ଅହିଂସାରେ ଆସ୍ଥା ସୃଷ୍ଟି କରିବା[...] ଓ ହୃଦୟର ପରିବର୍ତ୍ତନ ଘଟାଇବା ପାଇଁ ଓଡ଼ି[...] ସରକାର ସେହିଦିନ ସବୁ ବନ୍ଦୀଙ୍କର କାରାବାସ ଅ[...] କମ୍ବର୍ ପରିମାଣରେ କମାଇ ଦେଇଥିଲେ । ଅନୁ[...] କରାଯାଉଛି ଯେ ଭାରତବର୍ଷର ସମର୍ଥନ ଲାଭ [...] ଗାନ୍ଧୀ ବିଶ୍ୱବିଧାନ ଓଡ଼ିଶାରେ ପ୍ରତିଷ୍ଠିତ ହୋଇପ[...]

ସୁନ୍ଦରମଣି ପଟ୍ଟନାୟକ

# ଗାନ୍ଧୀ ଶତବାର୍ଷିକୀ କମିଟି ଓ ଭାରତୀୟ ମହିଳା ସମାଜ

ଆଜି ଦେଶରେ ସର୍ବତ୍ର ଗାନ୍ଧୀ ଶତବାର୍ଷିକୀ ପାଳନ କରାଯାଉଛି । ଭାରତୀୟ ମହିଳାମାନଙ୍କର କର୍ତ୍ତବ୍ୟ ଏ ଦିଗରେ ନିରୂପଣ କରିବା ପ୍ରଥମ ଓ ପ୍ରଧାନ ଧର୍ମ ।

ଯେଉଁବେଳେ ପରାଧୀନତା ଶୃଙ୍ଖଳରେ ଭାରତ ଜନନୀଙ୍କର ହସ୍ତପଦ ଆବଦ୍ଧ ଥିଲା, ସେତିକିବେଳେ ଗୃହକୋଣରେ ବନ୍ଦିନୀ ହୋଇ ଭାରତୀୟ ନାରୀ ଅସୂର୍ଯ୍ୟମ୍ପଶ୍ୟା ହୋଇ ଘନ ଅବଗୁଣ୍ଠନରେ ମୁଖ ଆବୃତ କରି ସ୍ୱର୍ଣ୍ଣାଳଙ୍କାର ବିଭୂଷିତା ହୋଇ ହାଣ୍ଡିଶାଳରେ ସୁଖ ସ୍ୱପ୍ନ ଦେଖୁଥିଲା । ପୃଥିବୀ କମ୍ପିଲେ ସେ ବୁଝୁଥିଲା ତାର ଚତୁଃପାର୍ଶ୍ୱ ଭୂମିକୁ । ଦିନ ଆସିଲା ନାରୀ ଜାତିର ଅଭ୍ୟୁଦୟ ହେଲା ମହାମାନବ ମହାତ୍ମା ଗାନ୍ଧୀଙ୍କର ମୁକ୍ତି ସଂଗ୍ରାମରେ ।

ଯେଉଁବେଳେ ଗଗନ ପବନ ନିନାଦିତ କରି ମହାତ୍ମା ଗାନ୍ଧୀଙ୍କର ସ୍ୱାଧୀନତାର ପାଞ୍ଚଜନ୍ୟ ବାଜି ଉଠିଲା, ଆକୁମାରୀ ହିମାଚଳର ଆବାଳ-ବୃଦ୍ଧ-ବନିତା ଯାହାଙ୍କ ଆହ୍ୱାନରେ ଜାଗ୍ରତ ହୋଇ ଉଠିଲେ, ସେହି ମନସ୍ୱୀ ଆହ୍ୱାନରେ ଅନ୍ତଃପୁରବାସିନୀ ମହିଳା-ମଣ୍ଡଳୀ ଥୟ ଧରି ରହନ୍ତେ କିପରି ? ପ୍ରଥମ କରି ସେହି ମହାପୁରୁଷ ଜ୍ଞାନର ଦୀପାଳୀ ଜାଳିଦେଲେ ନାରୀ ଜାତିର ମନ ଗହନରେ । ସେମାନେ ମଧ୍ୟ ଶହ ଶହ ସଂଖ୍ୟାରେ ଆତ୍ମବଳି ଦେବାପାଇଁ ପ୍ରସ୍ତୁତ ହୋଇଗଲେ । ଜ୍ଞାନର ନୂତନ ଆଲୋକରେ ସେମାନଙ୍କର ଚକ୍ଷୁ ଝଲସି ଉଠିଲା । ସେମାନେ ସ୍ୱାଧୀନତାର ସ୍ୱପ୍ନ ଦେଖିଲେ । ବନ୍ଦ କବାଟ କଣରୁ ଓହ୍ଲାଇ ଆସିଲେ ସେମାନେ । ଏ ଯେ ଜନ୍ମ ମାଟିର ଡାକ, ଏ ଡାକସ୍ୱରେ ଜବାବ ନ ଦେବ କିଏ ?

ଦେଶ ଓ ଜାତିର ସେବା ନିମନ୍ତେ ଶ୍ରୀମତୀ ସରୋଜିନୀ ନାଇଡୁ, ଡକ୍ଟର ସୁଶିଳା ନାୟାର, ଶ୍ରୀମତୀ ମୀରା ବେନ ପ୍ରଭୃତି ନାରୀ ଜାତିର ନେତୃତ୍ୱ ନେଲେ । ପ୍ରବଳ ପରାକ୍ରମୀ ବ୍ରିଟିଶ ସାମ୍ରାଜ୍ୟ ବିସ୍ତାର କରିଥିଲା ଭାରତ ଜନନୀଙ୍କର ବକ୍ଷ ଦେଶରେ । ନାରୀ ତ ଦୂରର କଥା, ପୁରୁଷମାନେ ମଧ୍ୟ ସରକାର ବିରୁଦ୍ଧରେ କଥା କହିବାର ସାହସ କରୁ ନ ଥିଲେ । ଆମ ଦେଶରେ ମୋତିଲାଲ ନେହରୁଙ୍କଠାରୁ ଆରମ୍ଭ କରି ଯୁବକ ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ମଦନ ମୋହନ ମାଲବ୍ୟ, ଆଚାର୍ଯ୍ୟ କୃପାଳନୀ, ରାଜ ଗୋପାଳଚାରୀ ପ୍ରଭୃତି ପ୍ରତ୍ୟକ୍ଷ ସଂଗ୍ରାମରେ ଅଂଶ ଗ୍ରହଣ କଲେ । ଆମ ଓଡ଼ିଶାର ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ଡକ୍ଟର ହରେକୃଷ୍ଣ ମହତାବ, ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଓଡ଼ିଶାର ନେତୃତ୍ୱ ନେଇଥିଲେ । ଉତ୍କଳୀୟା ନାରୀ-ମାନଙ୍କ ମଧ୍ୟରେ ନାରୀ ନେତ୍ରୀ ସରଳା ଦେବୀ ୧୯୨୧ ମସିହା, ସର୍ବୋଦୟ ନେତ୍ରୀ ଶ୍ରୀମତୀ ରମା ଦେବୀ

୧୯୩୦ ମସିହା, ଶ୍ରୀମତୀ ମାଳତୀ ଚୌଧୁରୀ, ଶ୍ରୀମତୀ ସୁଭଦ୍ରା ମହତାବ, ଶ୍ରୀମତୀ ଜାହ୍ନବୀ ଦେବୀ ୧୯୩୦ ମସିହାରୁ ବାହାରି ନାରୀ ସମାଜର ନେତୃତ୍ୱ ଗ୍ରହଣ କଲେ । ଏମାନଙ୍କର ସ୍ୱାଧୀନତା ସମରର ଖାସ ଦେବା କାହାଣୀ ଅତି ଗୌରବନ୍ତ, ଅତି ଉନ୍ମାଦପ୍ରଦ । ସେତେବେଳେ ବର୍ତ୍ତମାନ ଯୁଗପରି ଜିପ୍ ବା କାର ନ ଥିଲା । ଗାଁରୁ ଗାଁକୁ ଯିବାପାଇଁ ଗମନାଗମନର ପଥ ମଧ୍ୟ ନ ଥିଲା । ସେହି ନାରୀମାନେ ଆଜନ୍ମରୁ ସୁଖରେ ଲାଳିତା ହୋଇଥିଲେ, ସେମାନେ ଜନ୍ମଭୂମିର ଡାକରାରେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ, ଲୌହ ଅର୍ଗଳ ଫିଙ୍ଗାଇ, ପଦାକୁ ବାହାରି ଆସିଲେ । ଏ କମ୍ ସାହାସର କଥା ନୁହେଁ । ପଙ୍କ, କାଦୁଅ, ଗହ୍ୱର ବିଲ, ପାଣିରେ ପଶି, ଖରା ବାଦଲ, ଶୀତ ପ୍ରବାହରେ ନିଜକୁ ଭସାଇ ସେମାନେ କଠିନ ପରିଶ୍ରମ କରିଥିଲେ । ସେ ବେଳର ଲୋକଙ୍କର ସମାଲୋଚନା, ପରିବାରର ପରିଜନ ପରିତାଡ଼ଣା, ବ୍ରିଟିଶ୍ ଶାସନର କଡ଼ା ଶୃଙ୍ଖଳା, ଏସବୁକୁ ଏଡ଼ାଇ ଆମର ଭାରତୀୟ ନାରୀ ବାପୁଜୀଙ୍କର ପଦାଙ୍କ ଅନୁସରଣ କଲେ । ସ୍ୱାଧୀନତା ସମର ଯାତ୍ରା ପଥରେ ନାନା କଷ୍ଟ ସହି ସେମାନେ କାରା ବରଣ କରିଥିଲେ । ଜୀବନରେ ସେମାନେ ସେହି ଉଜ୍ଜ୍ୱଳ ପରମ୍ପରା ସୃଷ୍ଟି କରି ଯାଇଛନ୍ତି ତାହାହିଁ ଆଜି ଆମର ପାଥେୟ ।

ଆଜି ଆମେ ଜାତିର ପିତାଙ୍କର ଶତବାର୍ଷିକୀ ପାଳନ କରିବାକୁ ଯାଉଛୁଁ । ଏହା ଏକ ପବିତ୍ର ମହତ୍ କର୍ମ । ଆଜି ଆମେ ଗାଁ ଗାଁରେ ସଭା ସମିତି କରି, ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛେଁ । ବକ୍ତୃତାମାଳାରେ ଲୋକମାନଙ୍କୁ ଗାନ୍ଧୀ କଥା ଶୁଣାଉଛେଁ । କିନ୍ତୁ ଆମର ମନେ ରଖିବା ଉଚିତ, ଗାନ୍ଧୀ ନୀତିର ଯଥାର୍ଥତା ରକ୍ଷା କରି ପାରିଲେ ଆମେ ଗାନ୍ଧିଜୀଙ୍କର ଦାୟାଦ ବୋଲି ଗର୍ବ ଅନୁଭବ କରିବା ।

ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ରକ୍ଷା,
ଅସଂଗ୍ରହ, ଶାରୀରଶ୍ରମ, ଅସ୍ୱାଦର ଶିକ୍ଷା,
ସର୍ବତ୍ର ଭୟ ବର୍ଜନ, ଜୀବନ ପଥରେ,
ସର୍ବଧର୍ମେ ସମଦର୍ଶୀ ନିର୍ମଳ ଚିତ୍ତରେ
ସ୍ୱଦେଶୀ, ସ୍ପର୍ଶ ଭାବନା କରିବ ସଖୀଲୋ,
ବିନମ୍ର, ବ୍ରତର ନିଷ୍ଠା ଥିବ ପ୍ରତିପାଳ ।

ତେବେ ଆମ୍ଭେମାନେ ଗାନ୍ଧୀ ଶତବାର୍ଷିକୀ ପା କରିବାକୁ ସମର୍ଥ ହେବା । କର୍ମର ପ୍ରାରମ୍ଭରୁ ଲୋକଲୋଚନରେ ଧୂଳିଦେବା, ଅନ୍ୟର ଦୀର୍ଘ କରିବା, ଛଳନାର ଆଶ୍ରୟ ନେବା, ତେବେ ଗା ଶତବାର୍ଷିକୀ ପାଳନର ତାତ୍ପର୍ଯ୍ୟ ଆମର ରହିବ ଆମେ ଠିକ୍ ସୁନା ହେବାନି, ରୁପା ବି ହେବାନି ଭାରତୀୟ ନାରୀର ଜ୍ୱଳନ୍ତ ନିଷ୍ଠା, ଆଦର୍ଶ, କର୍ତ୍ତ ନିଷ୍ଠା ପରାୟଣତା, ଆମକୁ ରକ୍ଷା କରିବାକୁ ହେ ଦେଶର ପବିତ୍ର ସେବାକର୍ମ ପାଇଁ ଆମକୁ ପ୍ର ହେବାକୁ ହେବ । ସ୍ୱାର୍ଥରେ ବିଚଳିତ ହୋଇ ଅସ୍ଥି ହେଲେ କର୍ମ କରିବାକୁ ନିଶ୍ଚିତଭାବେ ଆମ ଅସମ୍ଭବ ହୋଇପଡ଼ିବ । ଆମକୁ ଚିନ୍ତା କରିବା ହେବ । ଆମେ ଭାରତୀୟ ଆଦର୍ଶ ମହିଳା, ପା ମୈତ୍ରୀ, ଅନ୍ତରଶୁଦ୍ଧି ହିଁ ଆମର ଅଙ୍ଗାଭରଣ, ସେବା ଆମର ପବିତ୍ରବୃତ୍ତି, ଆମେ ଅନ୍ୟକୁ ସମ୍ମାନ କରି ଶିଖିବା, ପ୍ରତିଭା କେନ୍ଦ୍ର ଆବରଣ ଦେଇ ଘୋଡ଼ାଇ ପାରିବନି, ତାହା ଅତେ ଆପେ ଜଳି ହୁଏ । ଜନଲୋଚନକୁ ଆସେ, ଯଥା ପଙ୍କର କୁହେଳିକା ଆଚ୍ଛନ୍ନ ସୂର୍ଯ୍ୟ ।

ଆମର ଭାରତୀୟ ମହିଳା ତ୍ୟାଗୀ, ନିଷ୍ଠା ସମ୍ପନ୍ନ ଜାତି ଗଠନ, ସନ୍ତାନ ପାଳନ ଦିଗରେ ଅଗ୍ରଣୀ ହୋଇ । ଶତ୍ରୁ ପ୍ରତି ମଧ୍ୟ ହୃଦୟର ସ୍ୱଚ୍ଛ ପ୍ରେମ ମନ୍ଦାକିନୀ ଧାରା ପ୍ରବାହିତ କରନ୍ତି । ପ୍ରେମ ଓ କରୁଣା ମହିମାମୟୀ ଜନନୀ ଦେଶ ଓ ଜାତିକୁ ଶ୍ରେଷ୍ଠ ହେବାକୁ ସକ୍ଷମ ହେଉ । ଏହାହିଁ ଆମର ଗା ଶତବାର୍ଷିକୀର ବାପୁଜୀଙ୍କର ଭାରତୀୟ ନାରୀପ୍ରତି ଆଶିଷ ।

# ଗହମର ଗୁଣ

ପୂର୍ବେ ଭାରତରୁ ବିଦେଶକୁ ଗହମ ରପ୍ତାନି ହେଉଥିଲା । ପୁସ୍ତକମାନଙ୍କରୁ ଜଣାଯାଏ ଯେ ବ୍ରିଟେନ୍‌କୁ ରପ୍ତାନି କରାଯାଇଥିବା ପୂର୍ବକାଳର ଭାରତୀୟ ଗହମରେ ପ୍ରୋଟିନ୍ ଅଂଶ ଶତକଡ଼ା ୧୦ରୁ ଅଧିକ ନ ଥିଲା (କେଂଟ-ଜୋନ୍‌ସ୍ ଓ ଆମୋସ୍ ୧୯୬୭) । କିନ୍ତୁ ଗତ କେତେବର୍ଷ ମଧ୍ୟରେ ଅଧିକ ଅମଳକ୍ଷମ କିସମର ଗହମଗୁଡ଼ିକୁ ଅଧିକ ପୁଷ୍ଟିକର କରିବା ଦିଗରେ କାର୍ଯ୍ୟ ଯଥେଷ୍ଟ ଆଗେଇ ଗଲାଣି । ଏ ସମ୍ପର୍କରେ ଏସ୍.-୩୦୮, ଲର୍ମାରୋହଜା, ସନୋରା ୬୪, ସର୍ବତୀ ସନୋରା, ଏସ୍-୨୨୭ ଆଦି କିସମ ବିଶେଷ ଉଲ୍ଲେଖଯୋଗ୍ୟ । ହେକ୍‌ଟର ପିଛା ୪୦ କେଜି ନାଇଟ୍ରୋଜେନ୍ ପ୍ରୟୋଗ କରାଯାଇ ଏହି କିସମଗୁଡ଼ିକୁ ଉତ୍ପାଦନ କରାଯାଇଥିଲା । ଏଗୁଡ଼ିକରେ ପ୍ରୋଟିନ୍ ଅଂଶ ଶତକଡ଼ା ୧୩ରୁ ୧୭ ଭାଗ ଥିବାର ଜଣାଯାଇଛି । ପ୍ରୋଟିନ୍ ସଂକ୍ରାନ୍ତ ଅନୁଧ୍ୟାନରୁ ଜଣାଯାଇଛି ଯେ ଏହି କିସମଗୁଡ଼ିକରେ ଥିବା ପ୍ରୋଟିନ୍ ଅଧିକ ଉତ୍କୃଷ୍ଟ ଓ ପୁଷ୍ଟିକାରକ । ଏହି କିସମଗୁଡ଼ିକରେ ପ୍ରତି ୧୦୦ ଗ୍ରାମ୍ ଅଟାରେ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଲାଇସିନ୍‌ର ମାତ୍ରା ୦,୨୮୬ରୁ ୦,୪୮୬ ଗ୍ରାମ୍ ଥିବାର ଜଣାଯାଇଛି । ଅଟାରେ ବିଶେଷତଃ ସର୍ବତୀ-ସନୋରା ଗହମର ଅଟାରେ ଲାଇସିନ୍‌ର ଏହି ପୂର୍ଣ୍ଣ ପରିମାଣ କେତେକ ଉତ୍କୃଷ୍ଟ ଏନ୍. ପି. ଗହମ ତୁଳନାରେ ଅଧିକ ରହିଛି । ବର୍ତ୍ତମାନ ଦେଶରେ ବର୍ଷିକି ପ୍ରାୟ ୩୭ ଲକ୍ଷ ୫୦ ହଜାର ଟନ ପ୍ରୋଟିନ୍ ଅଭାବ ପଡ଼ୁଥିବାରୁ ଉକ୍ତ ସାଫଲ୍ୟ ବାସ୍ତବିକ ଏକ ଉଲ୍ଲେଖଯୋଗ୍ୟ ବିଷୟ । ଏନ୍. ପି.-୮୯୦ ଓ ଏନ୍. ପି.-୮୨୪ କିସମ ଗହମରେ ଲାଇସିନ୍ ପରିମାଣ ପ୍ରତି ୧୦୦ ଗ୍ରାମ୍ ପ୍ରୋଟିନ୍‌ରେ ୨·୦୫ରୁ ୨·୪୪ ଗ୍ରାମ୍ ଥିବା ସ୍ଥଳେ ଉକ୍ତ ଟେଡ଼ା ଗହମଗୁଡ଼ିକରେ ଏହା ୨·୨୬ରୁ ୩·୦୦ ଗ୍ରାମ୍ ପର୍ଯ୍ୟନ୍ତ ଥିଲା ।

ଭାରତରେ କେବଳ ୯୦ ଭାଗ ଗହମ ଚପାତି ବା ରୁଟି ତିଆରିରେ ବ୍ୟବହୃତ ହୋଇଥାଏ । ତେଣୁ ଏ ଦେଶରେ ଯେଉଁ ନୂଆ ଗହମ ଉତ୍ପାଦିତ ହେବ, ସେଥିରେ ଯେପରି ରୁଟି ତିଆରି ଗୁଣ ବେଶୀ ଥାଏ, ସେଥିପ୍ରତି ଦୃଷ୍ଟି ଦେବା ଉଚିତ । ରୁଟି ତିଆରି ଗୁଣ ସଂପର୍କରେ ବ୍ୟାପକ ଅନୁସନ୍ଧାନରୁ ଜଣା ଯାଏ ଯେ ଏଥିପାଇଁ ଅଟାର ଅଧିକ ଜଳ ଶୋଷଣ ଶକ୍ତି ରହିବା ଉଚିତ୍ । ଏହା ଛଡ଼ା ପାଣିରେ ଦଳା ହୋଇଥିବା ଅଟା ଅଠାଳିଆ ହେବା ଉଚିତ ନୁହେଁ । ଏହା ସଂପ୍ରସାରଣଶୀଳ ହେବା ଉଚିତ । ରୁଟିର ରଙ୍ଗ ଦୁଧସର ପରି ହେବା ଉଚିତ ଏବଂ ଏହା ଖଣ୍ଡିଆ ନ ହୋଇ ରେଶମ ପରି ଦସ୍ତୁର ହେବା ଉଚିତ । ଏହା କୋମଳ ଏବଂ ଚିକ୍କଣ ହେବା ଉଚିତ ଏବଂ ଏହାର ନରମ ଅବସ୍ଥା ଅଧିକ ସମୟ (ଅନ୍ତତଃ ୪ରୁ ୬ ଘଣ୍ଟା) ସ୍ଥାୟୀ ହେବା ଉଚିତ । ରୁଟି ତିଆରି ଦୃଷ୍ଟିରୁ ଅଧିକାଂଶ ଟେଡ଼ା ଓ ଅନ୍ୟାନ୍ୟ ଉନ୍ନତ କିସମ ଗହମ ଉପାଦେୟ ବୋଲି ଜଣାପଡ଼ିଛି । ଏ କ୍ଷେତ୍ରରେ ସର୍ବତୀସନୋରାର ନାମ ଉଲ୍ଲେଖଯୋଗ୍ୟ । ଏହାର ସୁନେଲି ରଙ୍ଗ, ମଧ୍ୟମ

ଝାଣଅଟା (ପେଲ୍ସେକ୍ ମୂଲ୍ୟରୁ ସୂଚିତ) ଏବଂ ଜଳକଣ ଶୋଷଣ ଶକ୍ତି (ସେଡିମେଣ୍ଟେସନ୍ ମୂଲ୍ୟରୁ ସୂଚିତ) ରହିଛି । ଏହି ଗୁଣଯୋଗୁଁ ସର୍ବତୀସୋନୋରା କିସମର ଗହମ ରୁଟି ତିଆରି ଦୃଷ୍ଟିରୁ ଏନ୍. ପି.-୮୨୪, ଏନ୍. ପି.-୮୯୦, ସି-୨୭୩ ଆଦି କେତେକ ଉତ୍କୃଷ୍ଟ ଭାରତୀୟ ଗହମ ସହିତ ତୁଳନୀୟ ଏବଂ ଏମାନଙ୍କ ଅନେକାଂଶରେ ସର୍ବତୀସୋନୋରା ଉକ୍ତ ଗହମଠାରୁ ଉତ୍କୃଷ୍ଟ ।

## ନାଇଟ୍ରୋଜେନ୍ ପ୍ରୟୋଗ ଓ ପ୍ରୋଟିନ୍ ଉତ୍ପାଦନ

ନାଇଟ୍ରୋଜେନ୍ ପ୍ରୟୋଗଦ୍ୱାରା ଦାନାରେ ଶତକଡ଼ା ଦୁଇରୁ ୪ ଭାଗ ଅଧିକ ପ୍ରୋଟିନ୍ ସୃଷ୍ଟି ହୁଏ । ହେକ୍ଟର ପିଛା ୮୦ରୁ ୧୨୦ କିଲୋ ନାଇଟ୍ରୋଜେନ୍ ପ୍ରୟୋଗ ପର୍ଯ୍ୟନ୍ତ ଉକ୍ତ ବୃଦ୍ଧି ମାତ୍ର ପ୍ରୟୋଗ ବୃଦ୍ଧିର ଅନୁପାତରେ ହୋଇଥାଏ । ଅଧିକ ମାତ୍ରାରେ ନାଇଟ୍ରୋଜେନ୍ ପ୍ରୟୋଗ ସଙ୍ଗେ ସଙ୍ଗେ ହେକ୍ଟର ପିଛା ପ୍ରୋଟିନ୍ ଓ ଲାଇସିନ୍ ଉତ୍ପାଦନ ମଧ୍ୟ ବୃଦ୍ଧି ପାଉଥାଏ । ଅଧିକ ନାଇଟ୍ରୋଜେନ ପ୍ରୟୋଗ ଦ୍ୱାରା ଅଧିକ ଶସ୍ୟ ଉତ୍ପାଦନ ହେବାରୁ ଏବଂ ପ୍ରୋଟିନ ଶତାଂଶ ମଧ୍ୟ ବୃଦ୍ଧି ପାଇବାରୁ ଏହା ଘଟିଥାଏ । ଉଦାହରଣ ସ୍ୱରୂପ ଲର୍ମାରୋଜୋ କିସମ ଗହମରେ ନାଇଟ୍ରୋଜେନ ଆଦୌ ପ୍ରୟୋଗ ନ କରି ହେକ୍ଟର ପିଛା ମାତ୍ର ୧୫୭.୬୩ କିଲୋ ପ୍ରୋଟିନ୍ ଓ ୪.୮୫ କିଲୋ ଲାଇସିନ୍ ଉତ୍ପାଦିତ ହୋଇଥିବା ସ୍ଥଳେ ହେକ୍ଟର ପିଛା ୧୨୦ କିଲୋ ନାଇଟ୍ରୋଜେନ୍ ପ୍ରୟୋଗ କରି ୩୯୩.୪୭ କିଲୋ ପ୍ରୋଟିନ ଓ ୧୧.୧୮ କିଲୋ ଲାଇସିନ୍ ଉତ୍ପାଦିତ ହୋଇଥିଲା । ସାଧାରଣତଃ ହେକ୍ଟର ପିଛା ୧୨୦ କିଲୋ ନାଇଟ୍ରୋଜେନ ପ୍ରୟୋଗ କରି ହାରାହାରି ଶତକଡ଼ା ୧୪୫ ଭାଗ ଅଧିକ ପ୍ରୋଟିନ୍ ଓ ୧୩୦ ଭାଗ ଅଧିକ ଲାଇସିନ୍ ଉତ୍ପାଦନ କରାଯାଇଛି । ବର୍ଦ୍ଧିତ ପ୍ରୋଟିନ୍‌ର ଜୈବିକ ମୂଲ୍ୟ କେତେ ତାହା ବର୍ତ୍ତମାନ ବିଚାରାଧୀନ ଅଛି ।

## ପାଉଁରୁଟି ତିଆରି ଗୁଣ

ପ୍ରୋଟିନ୍‌ର ନମନୀୟତା ଦୃଷ୍ଟିରୁ ବିଭିନ୍ନ କିସମରେ ତାରତମ୍ୟ ଦେଖାଯାଏ । ଫଳରେ ୧୦୦ ଗ୍ରାମ ଅଟାରୁ କେତେ ପାଉଁରୁଟି ମିଳିବ, ତାହା ବିଭିନ୍ନ କିସମର ଗହମକୁ ନେଇ ଭିନ୍ନ ଭିନ୍ନ ହୋଇଥାଏ । ତେବେ ସର୍ବତୀସୋନୋରା କିସମ ଗହମର ପ୍ରତି ୧୦୦ ଗ୍ରାମ ଅଟାରୁ ସର୍ବାଧିକ ପରିମାଣ ପାଉଁରୁଟି ଉତ୍ପାଦିତ ହୋଇଥାଏ ।

## ବିସ୍କୁଟ ତିଆରି ଗୁଣ

ଯେଉଁ କିସମ ଗହମର ଅଟା କୋମଳ ଓ ଦୁର୍ବଳ ହୁଏ, ଯାହାର ଜଳଶୋଷଣ ଶକ୍ତି ଅପେକ୍ଷାକୃତ କମ୍ ଥାଏ ଏବଂ ଯାହାର ନମନୀୟତା ତୁଳନାରେ ନିର୍ଦ୍ଦିଷ୍ଟ ଗୁଣ ଅନୁସାରେ ଗଠନୀୟତାର ଶକ୍ତି ଅଧିକ ଥାଏ ସେଥିରୁ ଖୁବ୍ ଭଲ ବିସ୍କୁଟ ତିଆରି ହୋଇପାରେ । ବିସ୍କୁଟ ତିଆରି ଦୃଷ୍ଟିରୁ ସବୁ ନୂଆ କିସମଗୁଡ଼ିକ ପରୀକ୍ଷା କରାଯାଇଛି । ଏହି କିସମଗୁଡ଼ିକର ବିସ୍କୁଟ ତିଆରି ଗୁଣ ଯଦି ଅଧିକ ଉନ୍ନତ କରାଯାଏ ତେବେ ଭାରତର ବିସ୍କୁଟ ଶିଳ୍ପର ଯଥେଷ୍ଟ ଉନ୍ନତି ହେବ । ଲର୍ମାରୋଜୋ, ସୋନାଲିକା ଓ ଛୋଟିଲର୍ମାରେ ଯଥେଷ୍ଟ ବିସ୍କୁଟ ତିଆରି ଗୁଣ ରହିଛି । ଏହି ଗହମଗୁଡ଼ିକର ଚକଟା ଅଟାକୁ ଅଧିକ ସଂପ୍ରସାରିତ କରାଯାଇପାରେ । ତେଣୁ ତୁଳିରେ ବିସ୍କୁଟ ପ୍ରସ୍ତୁତ କଲାବେଳେ ଏଥିରେ ଫାଟ ଦେଖାଯାଏ ନାହିଁ । ଏହି କିସମରୁ ଉତ୍ପାଦିତ ବିସ୍କୁଟଗୁଡ଼ିକ ଖାଇବା ବେଳେ ସହଜରେ ମିଳାଇଯାଏ । ଉତ୍ପାଦନକାରୀମାନେ ଯଦି ଏଥିକୁ ବିଶେଷ ଦୃଷ୍ଟି ଦେଇ ବିଭିନ୍ନ କିସମ ପ୍ରସ୍ତୁତ କରନ୍ତି, ତେବେ ଯଥେଷ୍ଟ ଲାଭବାନ୍ ହୋଇପାରିବେ ।

(ଭାରତୀୟ କୃଷି ଗବେଷଣା ପରିଷଦ)



ାନୁଆରୀ ୨୭ ତାରିଖ ଦିନ ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଥିବା ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଉଦ୍‌ବୋଧନ ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

ସୁନ୍ଦରଗଡ଼ ଜିଲ୍ଲାର ବଣବାସୀ ନାମକ ଏକ ଅଞ୍ଚଳରେ ୨୦୧ ଏକର ଜମିରେ ଚଳିତ ବର୍ଷ ଗହମ ଚାଷ କରାଯାଇଥିଲା । ସେଠାରେ ଏକ କୃଷି ମେଳା ଜାନୁଆରୀ ୨୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଉଦ୍‌ଘାଟନ କରିଥିଲେ ।

ଚିତ୍ରରେ ଶ୍ରୀ ସିଂହ ଦେଓ ଓ ଉପମନ୍ତ୍ରୀ ଶ୍ରୀ ଗଙ୍ଗାଧର ପ୍ରଧାନ (ବାମରୁ ତୃତୀୟ) କେତେକ କୃଷିଙ୍କ ସହିତ ଗହମ କ୍ଷେତ ପରିଦର୍ଶନ କରୁଛନ୍ତି ।





ଭୁବନେଶ୍ୱରଠାରେ ଗତ ବର୍ଷ ଜାନୁଆରୀ ୩୧, ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ପଞ୍ଚମ ଅର୍ଥ କମିଶନଙ୍କ ସହିତ ଆଲୋଚନା କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଗତ ମାସ ୨ ତାରିଖ ଦିନ କୋଣାର୍କଠାରେ ପଞ୍ଚମ ଅର୍ଥ କମିଶନର ଚେୟାରମ୍ୟାନ ଶ୍ରୀ ମହାବୀର ତ୍ୟାଗୀ ଓ ଅନ୍ୟ ସଦସ୍ୟବୃନ୍ଦ ।





...ମ୍ବପୁର ଯିବା ଉଦ୍ଦେଶ୍ୟରେ ଆଗତ କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଡକ୍ଟର ...ରଣ ସିଂହଙ୍କୁ ଭୁବନେଶ୍ୱର ବିମାନ ପଡ଼ିଆଠାରେ ଘରୋଇ ତଥା ଅର୍ଥ ବିଭାଗ ଉପମନ୍ତ୍ରୀ ଶ୍ରୀ କାର୍ତ୍ତିକଚନ୍ଦ୍ର ମାଝୀ ସ୍ୱାଗତ କରୁଛନ୍ତି ।

## ଚିତ୍ରେ ସମ୍ବାଦ

...ଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଓଡ଼ିଶା ସିମେଣ୍ଟ ଲିମିଟେଡ଼ଙ୍କ ଦ୍ୱାରା, ଭାରତରୁ ସର୍ବ ପ୍ରଥମେ ...ବିଦେଶକୁ ରପ୍ତାନି କରିବାପାଇଁ ମୌଳିକ ଇଟା (basic brick) ଉତ୍ପାଦନ, ଉଦ୍‌ଘାଟନ କରୁଛନ୍ତି । ବାମ ଭାଗରେ ...ଶିଳ୍ପ ମନ୍ତ୍ରୀ ଶ୍ରୀ ହରଧର ପଟେଲ ଓ ଦକ୍ଷିଣ ଭାଗରେ ଓଡ଼ିଶା ସିମେଣ୍ଟ ଲିମିଟେଡ଼ଙ୍କ ମ୍ୟାନେଜର ଓ ସୁନ୍ଦରଗଡ଼ ଜିଲ୍ଲା ଜିଲ୍ଲାପାଳ ।





ସପ୍ତବିଂଶ ଓଡ଼ିଶା ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ଦଳଗତ ବିଜୟୀ କୋରାପୁଟ ଜିଲ୍ଲାକୁ
ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ 'ପ୍ରେମିଅର ଚ୍ୟାଲେଞ୍ଜ' ସିଲ୍ଡ ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ସୁନାମଧନ୍ୟ ନାଟ୍ୟକାର ଓ କବି ଶ୍ରୀ କାଳୀଚରଣ ପଟ୍ଟନାୟକ କେତେକ ଦୁଷ୍ପ୍ରାପ୍ୟ
ତାଳପତ୍ର ପୋଥି ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ଭୁବନେଶ୍ୱରସ୍ଥ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସୁସଂରକ୍ଷଣ ପାଇଁ ହସ୍ତାନ୍ତର କରୁଛନ୍ତି ।







ସେକ୍ରେଟେରିଏଟ୍‌ଠାରେ ବେସାମରିକ ପ୍ରତିରକ୍ଷୀମାନଙ୍କ ଦ୍ୱାରା ପ୍ରଦର୍ଶିତ କେତେକ କୌଶଳ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ସର୍ବୋତ୍କୃଷ୍ଟ ଓଡ଼ିଆ ଚଳଚ୍ଚିତ୍ର 'ସ୍ତ୍ରୀ'ର ନିର୍ମାତାଙ୍କୁ ଜାନୁଆରୀ ୨୯ ତାରିଖ ଦିନ ଲୟନସ୍ ଆନ୍ତର୍ଜାତୀୟ ପ୍ରତିନିଧି, ଲୟନ୍ ଏସ୍. ଏମ୍. ସାହୁକାରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଲୟନସ୍ ଆନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରୁଛନ୍ତି ।







ବଲାଙ୍ଗୀର ଓ କଳାହାଣ୍ଡି ଦୁଇ ଜିଲ୍ଲାକୁ ଯୋଗ କରୁଥିବା ରାସ୍ତାକୁ ଅତିକ୍ରମ କରିଥିବା ତେଲ ନଦୀ ଉପରେ ନବନିର୍ମିତ ପୋଲର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ।

## ଚିତ୍ରେ ସମ୍ବାଦ

ଫେବୃଆରୀ ୧ ତାରିଖ ଦିନ ଶିଳ୍ପ ମନ୍ତ୍ରୀ ଶ୍ରୀ ହରିହର ପଟେଲ ଓଡ଼ିଶା 'କଂକ୍ରିଟ୍ ପୋଲଫ୍ୟାକ୍ଟରି'ର ଭିତ୍ତି ସ୍ଥାପନ କରିଥିଲେ ।

ଚିତ୍ରରେ 'କଂକ୍ରିଟ୍ ବମ୍' ଉତ୍ପାଦନ କରିବାପାଇଁ ସିମେଣ୍ଟ-କଂକ୍ରିଟ୍ ଦେଇ ଶ୍ରୀ ପଟେଲ ଭିତ୍ତିସ୍ଥାପନ





ଚଳିତ ବର୍ଷ ଜାନୁୟାରୀ ୧୯ ତାରିଖ ଦିନ କୋଣାର୍କସ୍ଥିତ ପର୍ଯ୍ୟଟକ ବଙ୍ଗଳାଠାରେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ପରାମର୍ଶଦାତା ବୋର୍ଡ଼ର ଏକ ସଭାରେ କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଡକ୍ଟର କରଣ ସିଂହ ଉଦ୍‌ବୋଧନ ଦେଉଛନ୍ତି । ସେଠାରେ ଅଛନ୍ତି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ହରିହର ପଟେଲ ଓ ଉପମନ୍ତ୍ରୀ ଶ୍ରୀ କାର୍ତ୍ତିକଚନ୍ଦ୍ର ମାଝୀ ।

## ଚିତ୍ରେ ସମ୍ବାଦ

ଜାନୁୟାରୀ ୧୯ ତାରିଖ ଦିନ କୋଣାର୍କ ମନ୍ଦିର ପରିଦର୍ଶନ କରୁଛନ୍ତି ଡକ୍ଟର କରଣ ସିଂହ ।





ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକର ବରକନ୍ଦଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ଏକ ମହିଳା ଶିବିରରେ ବକ୍ତୃତା ଦେଉଛନ୍ତି । ଏହି ମହିଳା ଶିବିର ଅନୁକୂଳରେ ଗାନ୍ଧୀ ଶତବାର୍ଷିକୀ ଉପଲକ୍ଷେ ଏକ ଉତ୍ସବ ଆୟୋଜିତ ହୋଇଥିଲା ।

## ଚିତ୍ରେ ସମ୍ବାଦ

ବାରିପଦାଠାରେ ଗଣରାଜ୍ୟ ଦିବସ ଉପଲକ୍ଷେ ଆୟୋଜିତ ପରେଡ୍‌ରେ ସର୍ବୋତ୍କୃଷ୍ଟ ବିବେଚିତ ହୋ
ଏମ୍. ପି. କେ. ବାଳିକା ସ୍କୁଲର ଛାତ୍ରୀମାନଙ୍କ ପରେଡ୍ ।





ଭବାନୀପାଟଣାଠାରେ ଗଣରାଜ୍ୟ ଦିବସ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ ।

## ଚିତ୍ରେ ସମ୍ବାଦ

ବାଲେଶ୍ୱରଠାରେ ରେଭିନ୍ୟୁ ଡିଭିଜନାଲ୍ କମିଶନର ଶ୍ରୀ ପି. କେ ଚକ୍ରବର୍ତ୍ତୀ ଗଣରାଜ୍ୟ ଦିବସ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।





ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ସଚିବାଳୟ ସମ୍ମିଳନୀ କକ୍ଷରେ ହୋଇଥିବା ଶ୍ରୀ [illegible] ଦିନ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ଥଳବାହିନୀ, ନୌବାହିନୀ ଓ ଆକାଶବାହିନୀ ବୋର୍ଡର ଦ୍ୱାଦଶ ସମ୍ମିଳନୀ ।

# ଆପଣଙ୍କର ରାଜ୍ୟ ପରିବହନ ସଂସ୍ଥା ସମ୍ପର୍କରେ ଜାଣି ରଖନ୍ତୁ

ରାଜ୍ୟ ପରିବହନ ସଂସ୍ଥା ତରଫରୁ କୋରାପୁଟ, ଳାହାଣ୍ଡି, ବଲାଙ୍ଗିର, ସମ୍ବଲପୁର, ସୁନ୍ଦରଗଡ଼, କନ୍ଦ୍ଝର, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, କଟକ ଜିଲ୍ଲାର କେତେକ ଅଞ୍ଚଳରେ ଯାତ୍ରୀବାହୀ ଟରଗାଡ଼ି ଯାତାୟାତ କରୁଛି । ଏ ସମସ୍ତ ଜିଲ୍ଲାର ୫,୯୩୭ କିଲୋମିଟର ପାର୍ଶ୍ୱ ୨୧୫ଟି ରାସ୍ତାରେ ାଟରେ ୩୪୯ଟି ମଟରଗାଡ଼ି ଯାତାୟାତ କରିବା ଙ୍ଗେ ସଙ୍ଗେ ବାର୍ଷିକ ହାରାହାରି ୧୨,୬୦୪,୫୫୭ ର୍ତ୍ତୀଙ୍କୁ ନେବାଆଣିବା କରିଥାଏ ।

ରାଜ୍ୟର ରାଜଧାନୀ ଭୁବନେଶ୍ୱର ଓ ଉପରୋକ୍ତ ମାନଙ୍କର ସଦର ମହକୁମା ମଧ୍ୟରେ ଦ୍ରୁତଗାମୀ ତ୍ରୀବାହୀ ବସ ଜରିଆରେ ସୁଯୋଗ ରକ୍ଷା କରା ଇ ଯାଉଛି । ଏ ସମସ୍ତ ରାସ୍ତାରେ ରାତିରେ ଦ୍ରୁତଗାମୀ ରଗାଡ଼ି ଯାତାୟାତ କରିଥାଏ ଏବଂ ଏ ସମସ୍ତ ଗୁଡ଼ିମାନଙ୍କରେ ଅପେକ୍ଷାକୃତ ଆରାମପ୍ରଦ ଆସନର ବସ୍ଥା ହୋଇଛି । ଗତ ବାତ୍ୟା ଯୋଗୁଁ ଜଟଣୀ ଓ ସୁନଗର ମଧ୍ୟରେ ସମସ୍ତ ଯୋଗା ଯୋଗ ବ୍ୟବସ୍ଥା ନ୍ନ ହୋଇପଡ଼ିଥିଲା । ତେଣୁ ରାଜ୍ୟ ପରିବହନ ସଂସ୍ଥା ଫରୁ ଭୁବନେଶ୍ୱରଠାରୁ ଫୁଲବାଣୀ, ବାଲିଗୁଡ଼ା, ମୁନିଗୁଡ଼ା କୁମୁଡ଼ବନ୍ଧ ଓ ରାୟଗଡ଼ା ଦେଇ ଜୟପୁର ପର୍ଯ୍ୟନ୍ତ ଯାତ୍ରୀବାହୀ ମଟରବସ ୧୯୬୮ ନଭେମ୍ବର ୪ ତାରିଖ ଠାରୁ ଚଳାଚଳ ଆରମ୍ଭ କରାଯାଇଥିଲା । ଏହି ରାସ୍ତାଟି ବିଶେଷ ଲାଭପ୍ରଦ ପ୍ରମାଣିତ ହେବା ସଙ୍ଗେ ସଙ୍ଗେ ଯାତ୍ରୀସଂଖ୍ୟା ବିଶେଷ ବୃଦ୍ଧି ପାଇଥିବାରୁ ସ୍ଥାୟୀଭାବେ ଏ ରାସ୍ତାରେ ମଟର ଚଳାଚଳ ନିମନ୍ତେ ବ୍ୟବସ୍ଥା କରି ଯାଇଛି ।

ଗତ ପୁରୀ ରଥଯାତ୍ରା ସମୟରେ ରାଜ୍ୟ ପରିବହନ ସଂସ୍ଥା କଲିକତା ରାଜ୍ୟ ପରିବହନ କରପୋରେସନ୍ ସହଯୋଗରେ କଲିକତା ଓ ପୁରୀ ମଧ୍ୟରେ ଯାତ୍ରୀବାହୀ ବସ ଚଳାଚଳ କରାଯାଇଥିଲା ।

ସମ୍ବଲପୁରଠାରେ ଗୋଟିଏ ମୋଟର ଷ୍ଟେସନ ନିର୍ମିତ ହୋଇଛି ଏବଂ ଏଠାରେ ଯାତ୍ରୀମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ୧୯୬୮ ଅଗଷ୍ଟ ୧୫ ତାରିଖରେ ଏହି ନବନିର୍ମିତ ଷ୍ଟେସନ ଗୃହଟି ଉଦ୍‌ଘାଟିତ ହୋଇଛି ।

କଟକ କଲେଜ ଛକରେ ପରିବହନ ବିଭାଗ ତରଫରୁ ଗୋଟିଏ ଆଉଟ୍‌ପୋଷ୍ଟ ଖୋଲାଯାଇଛି ।

ଯାତ୍ରୀବାହୀ ବସଗୁଡ଼ିକ ଯେପରି ନିର୍ଦ୍ଦିଷ୍ଟ ସମୟରେ ଷ୍ଟେସନକୁ ଯିବା ଆସିବା କରିବ ସେଥି ପ୍ରତି ଏବଂ ଯାତ୍ରୀମାନଙ୍କ ଅଭିଯୋଗ ପ୍ରତି ଦୃଷ୍ଟି ଦେବ ।

ଗତ ବର୍ଷ ନିମ୍ନ ଲିଖିତ ରାସ୍ତାରେ ରାଜ୍ୟ ପରିବହନ ସଂସ୍ଥାର ଯାତ୍ରୀବାହୀ ବସ ଯାତାୟତ କରିବ :—

(୧) ଧର୍ମଗଡ଼ ଦେଇ ଭବାନୀପାଟଣା ଠାରୁ ଜୟପାଟଣା । ଏହି ରାସ୍ତାରେ ତା୧୬-୭-୧୯୬୮ରିଖ ଠାରୁ ବସ ଯାତାୟତ କରୁଛି ।

(୨) ୧୯୬୮ ଅଗଷ୍ଟ ପନ୍ଦର ଠାରୁ ଖଡ଼ିଆଳ ରୋଡ଼ ଓ ନଉପଡ଼ା ମଧ୍ୟରେ ପରୀକ୍ଷା ମୂଳକ ଭିତ୍ତିରେ ଏକ ଯାତ୍ରୀବାହୀ ବସ ଚଳାଚଳ କରୁଛି ।

(୩) ୧୯୬୮ ଅଗଷ୍ଟ ୨୦ ତାରି ଭବାନୀପାଟଣା ଓ ଆଟିଗାଁ ମଧ୍ୟରେ ବସ ଚଳ କରୁଛି ।

(୪) ୧୯୬୮ ସେପ୍ଟେମ୍ବର ୨୨ ତାରି ସୁନାବେଡ଼ା ଓ ବଜସୁନଗର ମଧ୍ୟରେ ଆନ୍ତଃ ବସ ସର୍ଭିସ ପ୍ରଚଳନ କରାଯାଇଛି ।

ଗତ ଦୁର୍ଗାପୂଜା ସମୟରେ ଯାତ୍ରୀମାନଙ୍କ ସୁ ପାଇଁ ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ବସ ପ୍ରଚଳନ ଯାଇଥିଲା ।

ରାଜ୍ୟର ବିଭିନ୍ନ ଦର୍ଶନୀୟ ସ୍ଥାନ ପରି ନିମନ୍ତେ ପର୍ଯ୍ୟଟନ ତଥା ବିଭିନ୍ନ ଅନୁଷ୍ଠାନମା ରାଜ୍ୟ ପରିବହନ ସଂସ୍ଥା ତରଫରୁ ସରବରା ଯୋଗାଇ ଦିଆଯାଏ ।

---

(୨୨ ପୃଷ୍ଠାର ଅବଶିଷ୍ଟାଂଶ)

ଶିକ୍ଷିତ ଗୋଷ୍ଠୀ ଓ ଜନସାଧାରଣଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି ତାକୁ ଦୂର କରି ପାରିଲେ ଛାତ୍ରମାନେ ପରିସ୍ଥିତିର ସମ୍ମୁଖୀନ ହୋଇ ପାରିବା ସଙ୍ଗେ ସଙ୍ଗେ ସେମାନେ ଜନସାଧାରଣଙ୍କ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ପାରିବେ ।

ଛାତ୍ର ସମାଜ ମଧ୍ୟରୁ ନିଃସ୍ୱାର୍ଥପର ଯୁବକ ଯୁବତୀ, ସେ କଳା, ବିଜ୍ଞାନ, ଇଞ୍ଜିନିୟରିଂ ଅଥବା ଡାକ୍ତରୀଛାତ୍ର ହୋଇଥାନ୍ତୁ ନା କାହିଁକି, ସେମାନେ ସ୍ୱ ଅନୁନ୍ନତ ଅଞ୍ଚଳର ଲୋକମାନଙ୍କ ନିକଟରେ ମ ମୂଲ୍ୟବୋଧ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ବାର୍ତ୍ତା ପହଞ୍ଚାଇ ପାରିଲେ ଏହି ଲକ୍ଷ୍ୟ ହାସଲ ପାରିବ । ଚଳିତବର୍ଷ ଗାନ୍ଧୀ ଜନ୍ମଶତବାର୍ଷିକୀ ପା ହେଉଛି । ତେଣୁ ଏହି ଅବସରରେ ଆମ ଦେ ବଞ୍ଚିତ ଓ ଅବହେଳିତ ଲୋକଙ୍କ ସେବା ନିମନ୍ତେ ଏକ ବ୍ୟାପକ ଛାତ୍ର ଅଭିଯାନ ଆ କରାଗଲେ ତାହା ସମୟୋପଯୋଗୀ ହେବ ।

# ଆମ ରାଜ୍ୟ

## ପଲାଶୁଣିଠାରେ ୱାଟର ୱାର୍କସ ସୁପରଭାଇଜର ପାଠ୍ୟକ୍ରମର ଆୟୋଜନ

ନୂଆ ରାଜଧାନୀ ୱାଟର ୱାର୍କସ, ପଲାଶୁଣିଠାରେ ଏକାଦଶ ୱାଟର ୱାର୍କସ ପାଠ୍ୟକ୍ରମ ଆରମ୍ଭ ହୋଇଛି । ପୌର ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ହରପ୍ରସାଦ ମହାପାତ୍ର ୧୯୬୯ ଫେବ୍ରୁୟାରୀ ପହିଲା ଦିନ ତାହା ଉଦ୍‌ଘାଟନ କରିଥିଲେ । ଏହି ତାଲିମ ପାଠ୍ୟକ୍ରମ ସ୍ୱାସ୍ଥ୍ୟ, ପରିବାର ଯୋଜନା ଓ ପୌର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ । ଜଳଯୋଗାଣ ବିଷୟକ ରକ୍ଷଣାବେକ୍ଷଣ ଓ କାର୍ଯ୍ୟ ପରିଚାଳନା ସଂପର୍କରେ ଜନସ୍ୱାସ୍ଥ୍ୟ ଇଂଜିନିୟରମାନଙ୍କୁ ତାଲିମ ଦେବା ଏହି ପାଠ୍ୟକ୍ରମର ଲକ୍ଷ୍ୟ । ଆମ ରାଜ୍ୟର ୧୫ ଜଣ ଓ ରାଜ୍ୟ ବାହାରର ୧୫ ଜଣ ଇଞ୍ଜିନିୟରଙ୍କୁ ଏହି ପାଠ୍ୟକ୍ରମରେ ତାଲିମ ଦିଆଯାଉଛି ।

ସ୍ୱାସ୍ଥ୍ୟ, ପରିବାର ଯୋଜନା ଓ ପୌର ଉନ୍ନୟନ ମନ୍ତ୍ରଣାଳୟ ତଥା କେନ୍ଦ୍ର ଜନସ୍ୱାସ୍ଥ୍ୟ ( ଇଞ୍ଜିନିୟରିଂ) ସଂଗଠନର ଅଫିସର ଓ ରାଜ୍ୟ ଜନସ୍ୱାସ୍ଥ୍ୟ ଇଂଜିନିୟରିଂ ବିଭାଗର ଅଫିସରମାନଙ୍କ ସହଯୋଗିତାରେ ଏହି ପାଠ୍ୟକ୍ରମ ପରିଚାଳିତ ହେଉଛି । ଏଥିପାଇଁ କେନ୍ଦ୍ର ଜନସ୍ୱାସ୍ଥ୍ୟ ଇଂଜିନିୟରିଂ ସଂଗଠନ ପାଠ୍ୟନିର୍ଘଣ୍ଟ ପ୍ରସ୍ତୁତ କରିଛନ୍ତି । ଏହାପୂର୍ବରୁ ଦିଲ୍ଲୀ, ଲକ୍ଷ୍ନୌ, ବାଙ୍ଗାଲୋର, ହାଇଦ୍ରାବାଦ, ଯୋଧପୁର, କୋଟା ଓ ଭୋପାଳଠାରେ ଏହିଭଳି ପାଠ୍ୟକ୍ରମମାନ ଆୟୋଜିତ କରାଯାଇ ଏପର୍ଯ୍ୟନ୍ତ ୨୮୦ ଜଣ ଇଂଜିନିୟରଙ୍କୁ ତାଲିମ ଦିଆଯାଇଛି । ଚତୁର୍ଥ ଯୋଜନାରେ ଅଧିକ ସଂଖ୍ୟକ ଇଂଜିନିୟରଙ୍କୁ ଏହି ପାଠ୍ୟକ୍ରମରେ ତାଲିମ ଦିଆଯିବ ।

## କେତେକ କିସମ ଧାନର ଶ୍ରେଣୀ ବିଭାଗ

ଓଡ଼ିଶା ସରକାରଙ୍କର ଯୋଗାଣ ବିଭାଗ ତରଫରୁ ତା ୧୫ । ୧୧ । ୧୯୬୮, ତା ୨୫ । ୧୧ । ୧୯୬୮ ଓ ତା ୯ । ୧ । ୧୯୬୯ ପ୍ରେସ ବିଜ୍ଞପ୍ତିରେ ୧୯୬୮-୬୯ ଖରିଫ ବର୍ଷପାଇଁ ବିଭିନ୍ନ ଧାନର ଯେଉଁ ଶ୍ରେଣୀ [illegible] କରାଯାଇଥିଲା, ତାହା ବ୍ୟତୀତ ନିମ୍ନୋକ୍ତ [illegible] ଧାନକୁ ସରୁ ଓ ଅତିସରୁ ପର୍ଯ୍ୟାୟଭୁକ୍ତ କରିବାପାଇଁ ସରକାର ପୁଣି ସ୍ଥିର କରିଛନ୍ତି ।

ସରୁ—ଡେଙ୍କେଇଶାଳ (ଡାକଶାଳ,) କଣ୍ଟାପନା, କଣ୍ଟାଶିବ, ଲୁନା କଣ୍ଟି, ମୋଟସମୁଲ ।

ଅତିସରୁ—ବାଉଁଶ ଗଣ୍ଡା, କଲମ ବାଙ୍କ, ଡେଙ୍ଗାଧୂଳିଆ ।

## କଳ ଲଙ୍ଗଳ ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ତିଆରି

ଜାପାନରୁ ଆମଦାନୀ କରାଯାଇଥିବା ୨୯୭ଟି ପାୱାର ଟିଲର୍ ବା ଜାପାନୀ କଳ ଲଙ୍ଗଳ ଆମ ରାଜ୍ୟରେ ସରକାରୀ ଅନୁଷ୍ଠାନ ତଥା କୃଷକମାନଙ୍କ ଦ୍ୱାରା ବ୍ୟବହୃତ ହେଉଛି । ଭବିଷ୍ୟତରେ ଅନେକ-ଗୁଡ଼ିଏ ପାୱାରଟିଲର୍ ଆମଦାନୀ କରାଯିବ । ଏହି ପାୱାର ଟିଲର୍‌ଗୁଡ଼ିକ ପାଇଁ ଯଥେଷ୍ଟ ପରିମାଣରେ ସ୍ପେୟାର ପାର୍ଟସ (Spare Parts) ଦରକାର ଏବଂ ଭବିଷ୍ୟତରେ ବେଶି ପରିମାଣରେ ମଧ୍ୟ ଦରକାର ହେବ । ଆମର ଚାହିଦା ମୁତାବକ ସ୍ପେୟାର ପାର୍ଟସ ଜାପାନରୁ ଠିକ୍ ସମୟରେ ଆସୁ ନ ଥିବାରୁ ଅନେକ ସମୟରେ ପାୱାର ଟିଲର୍‌ଗୁଡ଼ିକ ଅଚଳ ପଡ଼ୁଛି । ଏହି ଅସୁବିଧା ଦୂର କରିବା ପାଇଁ ଟିଲରଗୁଡ଼ିକର ସ୍ପେୟାର ପାର୍ଟସ୍‌ଗୁଡ଼ିକ ଆମ ତିଆରି କରିବାକୁ ସ୍ଥିର କରାଯାଇଛି । ଆମ କୃଷି ଯନ୍ତ୍ରପାତି ତିଆରି କରୁଥିବା ଅନୁଷ୍ଠାନ ବ୍ୟକ୍ତିବିଶେଷଙ୍କୁ ଏହି ସୁଯୋଗ ଦିଆଯିବ । ଅନୁଷ୍ଠାନ ବା ବ୍ୟକ୍ତି ଏହି ସ୍ପେୟାର ପାର୍ଟ ତିଆରି କରିବାକୁ ଚାହାନ୍ତି, ସେମାନେ କୃଷି ଜଏଣ୍ଟ ଡିରେକ୍ଟର (ଇଂଜିନିୟରିଂ), ଭୁବନେଶ୍ୱ ଆବେଦନ କରନ୍ତୁ ।

---

## ଶିକ୍ଷକମାନଙ୍କୁ ୧୯୬୯ ମସିହା ରାଜ୍ୟସ୍ତରୀୟ ପୁରସ୍କାର

୧୯୬୮-୬୯ ମସିହା ସକାଶେ ୧୯ ଜଣ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ୧୪ ଜଣ ମାଧ୍ୟମିକ ସ୍କୁଲ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି । ୧୯୬୯, ଜାନୁଆରୀ ୨୬ ତାରିଖ ଦିନ ଅପରାହ୍ନ ୬-୪୫ ମିନିଟରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ [illegible] ଶିକ୍ଷକମାନଙ୍କ ତାଲିକା ନିମ୍ନରେ ଦିଆଗଲା:—

**ବାଲେଶ୍ୱର ଜିଲ୍ଲା**—୧ । ଶ୍ରୀ ବାଞ୍ଛାନିଧି ମହାନ୍ତି, ହେଡ ପଣ୍ଡିତ, ଅଯୋଧ୍ୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଯୋଧ୍ୟା; ୨ । ଶ୍ରୀ ତ୍ରିଲୋକନାଥ ରଥ, ହେଡ଼ ପଣ୍ଡିତ, ଚକାଖଣ୍ଡ ନିମ୍ନ ପ୍ରାଥମିକ ବିଦ୍ୟାଳୟ, ଚକାଖଣ୍ଡ; ୩ । ଶ୍ରୀ ହରିଶ ଚନ୍ଦ୍ର ରଥ, ପ୍ରଧାନ ଶିକ୍ଷକ, କେ. ପି. ହାଇସ୍କୁଲ, ନୀଳଗିରି; ୪ । ଶ୍ରୀମତୀ ଝୋଟା ଲତା, ପ୍ରଧାନ ଶିକ୍ଷୟିତ୍ରୀ, ବାରବାଟୀ ବାଳିକା ହାଇ ବାଲେଶ୍ୱର ।

**ବଲାଙ୍ଗିର ଜିଲ୍ଲା**—୧ । ଶ୍ରୀ ଗୋପ ମହାରଣା, ହେଡ଼ ପଣ୍ଡିତ, ଟେଲଇସିଙ୍ଗା ଉଚ୍ଚ ପ୍ରା ବିଦ୍ୟାଳୟ, ଟେଲଇସିଙ୍ଗା ।

**କଟକ ଜିଲ୍ଲା**—୧ । ଶ୍ରୀ ଗିରିଧର ହେଡ଼ପଣ୍ଡିତ, ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟା କଟକ; ୨ । ଶ୍ରୀ ଯଦୁ ଚରଣ ସାହୁ, ହେଡ଼ ପ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜଗତସିଂ ୩ । ଶ୍ରୀ ଗଣନାଥ ପାଢ଼ୀ, ହେଡ ପଣ୍ଡିତ, ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଜହଳା, ଗା ୪ । ଶ୍ରୀମତୀ ବସନ୍ତ ପ୍ରିୟା ରାୟ ଚୂଡ଼ାମଣି, ଶିକ୍ଷୟିତ୍ରୀ, ସରକାରୀ ବାଳିକା ହାଇସ୍କୁଲ, ଅ

୫ । ଶ୍ରୀ ରାସବିହାରୀ ପଟ୍ଟନାୟକ, ପ୍ରାକ୍ଟିସିଂ ବାଳିକା ହାଇସ୍କୁଲ, କଟକ ।

**ଢେଙ୍କାନାଳ ଜିଲ୍ଲା**—୧ । ଶ୍ରୀ ଦାମୋଦର ରଥ, ହେଡ୍‌ପଣ୍ଡିତ, ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେଙ୍କାନାଳ; ୨ । ଶ୍ରୀ ସୁଦାମ ନାୟକ, ସହକାରୀ ଶିକ୍ଷକ, ଖଳାରି ସିନିଅର ବେସିକ ସ୍କୁଲ, ଅନୁଗୋଳ ।

**ଗଞ୍ଜାମ ଜିଲ୍ଲା**—୧ । ଶ୍ରୀ ଭଗିରଥି ପାତ୍ରୀ, ହେଡ଼ ପଣ୍ଡିତ, ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଦ୍ମପୁର; ୨ । ଶ୍ରୀ ଅଚ୍ୟୁତ ପଣ୍ଡା, ହେଡ଼ ପଣ୍ଡିତ, ଏକ୍ସ-ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାମ୍ବୋ, ଆସିକା; ୩ । ଶ୍ରୀ ଲିଙ୍ଗରାଜ ପଟ୍ଟନାୟକ, ପ୍ରାଧାନ-ଶିକ୍ଷକ, ଡି. ସି. ମଧ୍ୟ ଇଂରାଜୀ ବିଦ୍ୟାଳୟ, ବ୍ରହ୍ମପୁର; ୪ । ଶ୍ରୀ ହରି ଶରଣ ମହାପାତ୍ର, ସହକାରୀ ଶିକ୍ଷକ, ହରିହର ହାଇସ୍କୁଲ, ଆସିକା ।

**କଳାହାଣ୍ଡି ଜିଲ୍ଲା**—ଶ୍ରୀ ମାର୍କଣ୍ଡ ବାଗ୍, ହେଡ୍ ପଣ୍ଡିତ, ରସିଢ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରସିଢ଼ା ।

**କେଉଁଝର ଜିଲ୍ଲା**—୧ । ଶ୍ରୀ ରଘୁନାଥ ଦାସ, ହେଡ଼ ପଣ୍ଡିତ, ଆଟୋପେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେଉଁଝରଗଡ଼; ୨ । ଶ୍ରୀ ମନମୋହନ ଦାସ, ପ୍ରଧାନ ଶିକ୍ଷକ, ପୋଲିସ ଲାଇନ ମଧ୍ୟ ଇଂରାଜୀ ବିଦ୍ୟାଳୟ, କେଉଁଝରଗଡ଼ ।

**କୋରାପୁଟ ଜିଲ୍ଲା**—୧ । ଶ୍ରୀ କୃପାସିନ୍ଧୁ ପାତ୍ରୀ, ହେଡ଼ ପଣ୍ଡିତ, ଏକ୍ସ-ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରାପୁଟ; ୨ । ଶ୍ରୀ ଶ୍ୟାମସୁନ୍ଦର ଦାସ, ପ୍ରଧାନ ଶିକ୍ଷକ, ଆର. ସି. ଡି. ହାଇସ୍କୁଲ, ରଙ୍ଗପୁର ।

**ମୟୂରଭଞ୍ଜ ଜିଲ୍ଲା**—୧ । ଶ୍ରୀ ରାମଚନ୍ଦ୍ର ଦାସ, ହେଡ଼ ପଣ୍ଡିତ, ସଖାଲ ଗୋଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦା; ୨ । ଶ୍ରୀ ତ୍ରିଲୋଚନ ଦାସ, ପ୍ରଧାନ ଶିକ୍ଷକ, ରଶାଦ ମଧ୍ୟ ଇଂରାଜୀ ବିଦ୍ୟାଳୟ, ରଶାଦ ।

**ଫୁଲବାଣୀ ଜିଲ୍ଲା**—୧ । ଶ୍ରୀ ବାନାମ୍ବର ସାହୁ, ହେଡ଼ ପଣ୍ଡିତ, ବାଳକ ନିମ୍ନ ପ୍ରାଥମିକ ବିଦ୍ୟାଳୟ, ଖଜୁରିପଡ଼ା, ୨ । ଶ୍ରୀ ମଧୁସୂଦନ ଶତପଥୀ, ସହକାରୀ ଶିକ୍ଷକ, ଜେ. ଡି. ହାଇସ୍କୁଲ, ବୌଦ ।

**ପୁରୀ ଜିଲ୍ଲା**—୧ । ଶ୍ରୀ ଅଶୋକ ଦାସ, ହେଡ଼ ପଣ୍ଡିତ, ସତ୍ୟବାଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାକ୍ଷୀଗୋପାଳ; ୨ । ଶ୍ରୀ ମହେଶ୍ୱର ଦାସ, ହେଡ଼ ପଣ୍ଡିତ ନିମାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନିମାପଡ଼ା; ୩ । ଶ୍ରୀ ବାଞ୍ଛାନିଧି ନାୟକ, ସହକାରୀ ଶିକ୍ଷକ, ମାଧବ ହାଇସ୍କୁଲ, ଡେଲାଙ୍ଗ; ୪ । ଶ୍ରୀ ବାମନ ଚରଣ ଦାସ, ପ୍ରଧାନ ଶିକ୍ଷକ, ବାଣପୁର ବାଳକ ମଧ୍ୟ ଇଂରାଜୀ ବିଦ୍ୟାଳୟ, ବାଣପୁର ।

**ସମ୍ବଲପୁର ଜିଲ୍ଲା**—୧ । ଶ୍ରୀ ବିଷ୍ଣୁ ପ୍ରସାଦ ପ୍ରଧାନ, ହେଡ଼ ପଣ୍ଡିତ, ମୋଦିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୋଦିପଡ଼ା; ୨ । ଶ୍ରୀ ଗୋପୀନାଥ ଡ଼ୋରା, ହେଡ଼ ପଣ୍ଡିତ, ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଦ୍ମପୁର; ୩ । ଶ୍ରୀ ବିପିନ ବିହାରୀ ବୈଧୁସ, ପ୍ରଧାନ ଶିକ୍ଷକ, ଚାମରସର ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଚାମରସର ।

**ସୁନ୍ଦରଗଡ଼ ଜିଲ୍ଲା**:—୧ । ଶ୍ରୀ ସାଗର ପଟେଲ, ହେଡ଼ ପଣ୍ଡିତ, ପଟୁଆଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟୁଆଡ଼ିହି ।

# ଗୁଡ଼ ଉପରେ ବିକ୍ରୀ ଟିକସ ଧାର୍ଯ୍ୟ

ଅର୍ଥ ବିଭାଗର ତା ୨୭-୧୨-୧୯୭୭ ରିଖର ନଂ ୪୧୭୮୫—ସି. ଟି. ଏ.-୫୯/୭୭-ଏଫ୍ ବିଜ୍ଞପ୍ତି ଦ୍ୱାରା ଭେଲିଆଗୁଡ଼ (ମଲାସେସ୍) ଉପରେ ଶତକଡ଼ା ୧୦ ହାରରେ ବିକ୍ରୀ ଟିକସ ଧାର୍ଯ୍ୟ କରାଯାଇଛି ଓ ସେହି ବିଭାଗ ଦ୍ୱାରା ତା ୨୭-୧୨-୧୯୭୭ ରେ ପ୍ରକାଶିତ ନଂ ୪୧୭୭୩—ସି. ଟି. ଏ.-୫୯/୭୭ ବିଜ୍ଞପ୍ତି ଅନୁଯାୟୀ ଗୁଡ଼ଉପରେ ମଧ୍ୟ ଶତକଡ଼ା ୨ ହାରରେ ଟିକସ ଧାର୍ଯ୍ୟ କରାଯାଇଛି । ଓଡ଼ିଶା ବିକ୍ରୀ ଟିକସ ଆଇନ ଅନୁଯାୟୀ ଗୁଡ଼ ଓ ଭେଲିଆଗୁଡ଼ ଦୁଇଟି ପୃଥକ୍ ଦ୍ରବ୍ୟ ହୋଇଥିବାରୁ ଟିକସ ଧାର୍ଯ୍ୟ ନିମନ୍ତେ ଗୁଡ଼ ଓ ଭେଲିଆଗୁଡ଼କୁ ଦୁଇଟି ପୃଥକ୍ ରୂପେ ଗ୍ରହଣ କରାଯାଇଛି । କେତେକ ବ୍ୟ... ଏହି ପାର୍ଥକ୍ୟ ଉପଲବ୍ଧି କରିନପାରି ଗୁଡ଼ ଉପରେ ଶତକଡ଼ା ୧୦ ହାରରେ ଟିକସ ନେଉ... ବିଷୟ ସରକାରଙ୍କ ଦୃଷ୍ଟିକୁ ଅଣାଯାଇଛି । ... ଆଇନଗତ ବ୍ୟବସ୍ଥା ଅନୁରୂପ ହୋଇ ନ... ସଂପୃକ୍ତ ସର୍ବସାଧାରଣଙ୍କୁ ଏତଦ୍ୱାରା ସ୍ପଷ୍ଟ କ... ଦିଆଯାଉଛି ଯେ ଗୁଡ଼ ଉପରେ ଶତକଡ଼ା ... ହାରରେ ଟିକସ ଧାର୍ଯ୍ୟ ନ କରାଯାଇ ଶତ... ୨ ହାରରେ ଟିକସ ଧାର୍ଯ୍ୟ କରାଯିବା ଉଚିତ୍ ।

# ରାଜଗାଙ୍ଗପୁରଠାରେ ନୂତନ କର ନିର୍ଦ୍ଧାରଣ ସଂସ୍ଥା

ଚଳିତ ଆର୍ଥିକ ବର୍ଷରେ ରାଉରକେଲା ସର୍କଲ ଅନ୍ତର୍ଗତ ରାଜଗାଙ୍ଗପୁରଠାରେ ଓଡ଼ିଶା ସରକାର ଗୋଟିଏ କର ନିର୍ଦ୍ଧାରଣ ସଂସ୍ଥା (ଆସେସ୍‌ମେଣ୍ଟ ୟୁନିଟ୍) ଖୋଲିଛନ୍ତି । ଜଣେ ସହକାରୀ କମର୍ସିଆଲ ଟ୍ୟାକ୍ସ ଅଫିସର ଏହି ସଂସ୍ଥାର ଦାୟିତ୍ୱରେ ରହିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାର ସଦର ସବ୍-ଡିଭିଜନ ଏହି ସଂସ୍ଥାର ପରିସର ଅନ୍ତର୍ଭୁକ୍ତ । ଏହାକୁ ଏପରି ଭାବରେ ଗଠନ କରାଯାଇଛି ଯେ ଏତଦ୍ୱାରା ସଂପୃକ୍ତ ଅଂଚଳର ବ୍ୟବସାୟୀ (ଡିଲର) ଓ କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତିଙ୍କ (ଆସେସି) କର ନିର୍ଦ୍ଧାରଣ, ରେଜିଷ୍ଟ୍ରିକରଣ, ସ୍ଥେଟ୍ୟୁଟେରି ଫର୍ମ ପାଇବା ପାଇଁ ତଥା ବିବରଣୀ (ରିଟର୍ଣ୍ଣ) ଦାଖଲ କରିବା ପାଇଁ ଅଧିକ ସୁବିଧା ହେବ । ଯେଉଁ ବ୍ୟବସାୟୀ ଓ କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତି ମାନଙ୍କର ବ୍ୟବସାୟ ଦୁଇଲକ୍ଷ ଟଙ୍କା ମଧ୍ୟରେ ହୋଇଥିବ, ଏହି ସଂସ୍ଥା ଦାୟିତ୍ୱରେ ଥିବା ଅଫିସରଙ୍କ ଦ୍ୱାରା ସେମାନଙ୍କର କର ନିର୍ଦ୍ଧାରଣ କରାଯାଇ ପାରିବ । କିନ୍ତୁ ବଡ଼ ବଡ଼ ବ୍ୟବସାୟୀ ଓ କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତି ଅର୍ଥାତ୍ ଯେ... ମାନଙ୍କର ବାର୍ଷିକ ବ୍ୟବସାୟ ୨ଲକ୍ଷ ଟଙ୍କାରୁ ଅ... ହୋଇଥିବ, ସେମାନଙ୍କର କର ନିର୍ଦ୍ଧା... ରାଉରକେଲାସ୍ଥ ସର୍କଲ ସଦର ମୁକାମରେ ପୂର୍ବ... ପ୍ରଚଳିତ ରହିବ । ସଂପୃକ୍ତ ଅଂଚଳର ବ୍ୟବସାୟ... କରଧାର୍ଯ୍ୟ କରାଯାଇଥିବା ବ୍ୟକ୍ତିମାନଙ୍କୁ ... ଦାଖଲ, ରେଜିଷ୍ଟ୍ରିକରଣ, ସାର୍ଟିଫିକେ... ସଂଶୋଧନ ଏବଂ ଟିକସ ଦେୟ, 'ସି' ଫର୍ମ ଓ ... ଦାଖଲ ଇତ୍ୟାଦି କାର୍ଯ୍ୟପାଇଁ ରାଉରକେଲା ଯି... ପଡ଼ିବ ନାହିଁ ।

ତେଣୁ ସେହି ଅଞ୍ଚଳର ବ୍ୟବସାୟୀ ଓ କରଧା... କରାଯାଇଥିବା ବ୍ୟକ୍ତିମାନଙ୍କୁ ପରାମର୍ଶ ଦିଆଯା... ଯେ ସେମାନେ ତା ୧୫-୧-୧୯୭୯ ରିଖ ... ଆରମ୍ଭ ହୋଇସାରିଥିବା ଏହି ସଂସ୍ଥାର ... ସୁବିଧାର ପୂର୍ଣ୍ଣ ସୁଯୋଗ ନିଅନ୍ତୁ ଏବଂ ରାଜଗାଙ୍ଗ... କର ନିର୍ଦ୍ଧାରଣ ସଂସ୍ଥା ଦାୟିତ୍ୱରେ ଥିବା ଅଫିସ... ସହିତ ପୂର୍ଣ୍ଣ ମାତ୍ରାରେ ସହଯୋଗ କରନ୍ତୁ ।

ଉତ୍କଳ ପ୍ରସଙ୍ଗ, ଫେବ୍ରୁଆରୀ—୧୯...

# ଖୋର୍ଦ୍ଧା ଝାଡନ କରନିର୍ଦ୍ଧାରଣ ସଂସ୍ଥା

ପୁରୀ ୨ୟ ସର୍କଲ ଅନ୍ତର୍ଗତ ଖୋର୍ଦ୍ଧା ଝାଡନଠାରେ ଓଡ଼ିଶା ସରକାର ଗୋଟିଏ କର ନିର୍ଦ୍ଧାରଣ ସଂସ୍ଥା (ଆସେସ୍‌ମେଣ୍ଟ ୟୁନିଟ୍) ଖୋଲିଛନ୍ତି । ଜଣେ ସହକାରୀ କମର୍ସିଆଲ ଟ୍ୟାକ୍ସ ଅଫିସର ଏହି ସଂସ୍ଥାର ଦାୟିତ୍ୱରେ ରହିଛନ୍ତି । ବର୍ତ୍ତମାନ ଖୋର୍ଦ୍ଧା ଓ ବେଗୁନିଆ ଥାନାକୁ ନେଇ ଏହି ସଂସ୍ଥାର କାର୍ଯ୍ୟ ଚାଲିଅଛି । ଏହା ଦ୍ୱାରା ସଂପୃକ୍ତ ଅଂଚଳର ବ୍ୟବସାୟୀ (ଡିଲର) ଓ କରଧାର୍ଯ୍ୟ କରାଯାଉଥିବା ବ୍ୟକ୍ତିଙ୍କ (ଆସେସି) କର ନିର୍ଦ୍ଧାରଣ, ରେଜେଷ୍ଟ୍ରିକରଣ, ଷ୍ଟେଟ୍ୟୁଟୋରୀ ଫର୍ମ ପାଇବା ପାଇଁ ରିଟର୍ଣ୍ଣ (ବିବରଣୀ) ପ୍ରଭୃତି ଦାଖଲ କରିବା ପାଇଁ ଅଧିକ ସୁବିଧା ହେବ ବୋଲି ଆଶା କରାଯାଇଛି । ଯେଉଁ ବ୍ୟବସାୟୀ (ଡିଲର) ଓ କରଧାର୍ଯ୍ୟ କରାଯାଉଥିବା ବ୍ୟକ୍ତିମାନଙ୍କ ବ୍ୟବସାୟ ଦୁଇଲକ୍ଷ ଟଙ୍କା ମଧ୍ୟରେ ହୋଇଥିବ, ଏହି ସଂସ୍ଥା ଦାୟିତ୍ୱରେ ଥିବା ଅଫିସରଙ୍କ ଦ୍ୱାରା ସେମାନଙ୍କର କର ନିର୍ଦ୍ଧାରଣ କରାଯାଇପାରିବ । କିନ୍ତୁ ବଡ଼ ବଡ଼ ବ୍ୟବସାୟୀ ଓ କରଧାର୍ଯ୍ୟ କରାଯାଉଥିବା ବ୍ୟକ୍ତି ଅର୍ଥାତ୍ ଯେଉଁମାନଙ୍କର ବାର୍ଷିକ ବ୍ୟବସାୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବ, ସେମାନଙ୍କର କର ନିର୍ଦ୍ଧାରଣ ଖୋର୍ଦ୍ଧାରୋଡସ୍ଥ ସର୍କଲ ସଦର ମୁକାମରେ ପୂର୍ବପରି ଚାଲିବ । ସଂପୃକ୍ତ ଅଞ୍ଚଳର ବ୍ୟବସାୟୀ ଓ କରଧାର୍ଯ୍ୟ କରାଯାଉଥିବା ବ୍ୟକ୍ତିମାନଙ୍କୁ ରିଟର୍ଣ୍ଣ ଦାଖଲ, ରେଜେଷ୍ଟ୍ରିକରଣ, ରେଜେଷ୍ଟ୍ରିକରଣ ସାର୍ଟିଫିକେଟ୍ ସଂଶୋଧନ ଏବଂ ଟିକସ ଦେୟ ଓ 'ସି' ଫର୍ମ ଦାଖଲ ପ୍ରଭୃତି କାର୍ଯ୍ୟ ପାଇଁ ଖୋର୍ଦ୍ଧାରୋଡ ଯିବାକୁ ପଡ଼ିବ ନାହିଁ ।

ତେଣୁ ସେହି ଅଞ୍ଚଳର ବ୍ୟବସାୟୀ ଓ କରଧାର୍ଯ୍ୟ କରାଯାଉଥିବା ବ୍ୟକ୍ତିମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଏହି ସୁବିଧାର ପୂର୍ଣ୍ଣ ସୁଯୋଗ ନେବା ସଙ୍ଗେ ସଙ୍ଗେ ଖୋର୍ଦ୍ଧା ଝାଡନ କର ନିର୍ଦ୍ଧାରଣ ସଂସ୍ଥା ଦାୟିତ୍ୱରେ ଥିବା ଅଫିସରଙ୍କ ସହିତ ପୂର୍ଣ୍ଣମାତ୍ରାରେ ସହଯୋଗ କରନ୍ତୁ ।

# ଭଦ୍ରଖ କର ନିର୍ଦ୍ଧାରଣ ସଂସ୍ଥା

ବର୍ତ୍ତମାନ ଭଦ୍ରଖଠାରେ ଥିବା କରନିର୍ଦ୍ଧାରଣ ସଂସ୍ଥା ସେସ୍‌ମେଣ୍ଟ ୟୁନିଟ୍) ର ପାହ୍ୟା ବଢ଼ାଇ ତାକୁ ଏକ ବ୍-ସର୍କଲରେ ପରିଣତ କରିବା ବିଷୟ ପ୍ରତି କାରଙ୍କ ଦୃଷ୍ଟି ଆକୃଷ୍ଟ ହୋଇଛି । ସଂପୃକ୍ତ ଚଳର ବ୍ୟବସାୟୀ ତଥା କରଦାତାମାନଙ୍କୁ ଜେଷ୍ଟ୍ରିକରଣ, ସଂଶୋଧନ ଓ 'ସି' ଫର୍ମ ଆଣିବା ତ୍ୟାଦି କାର୍ଯ୍ୟ ସକାଶେ ଏ ପର୍ଯ୍ୟନ୍ତ ବାଲେଶ୍ୱର ଲ ଅଫିସକୁ ଯିବାକୁ ହେଉଥିଲା । ମାତ୍ର ମାନଙ୍କର ସୁବିଧା ଦୃଷ୍ଟିରୁ ଏହି ନୂତନ ବ୍ୟବସ୍ଥା ର୍ଥ ବିବେଚିତ ହେଲା । ସରକାର ବର୍ତ୍ତମାନ ଭଦ୍ରଖ ନିର୍ଦ୍ଧାରଣ ସଂସ୍ଥାକୁ ଏକ ସବ୍-ସର୍କଲରେ ପରିଣତ କରିଛନ୍ତି ଓ ତାହାର ନାମ ବାଲେଶ୍ୱର—୨ ସର୍କଲ ରଖାଯାଇଛି ।

ଭଦ୍ରଖ କର ନିର୍ଦ୍ଧାରଣ ସଂସ୍ଥାର କାର୍ଯ୍ୟ ପରିସର ମଧ୍ୟରେ ଥିବା ବ୍ୟବସାୟୀ ମାନଙ୍କ ରେଜେଷ୍ଟ୍ରିକରଣ ସଂଶୋଧନ ଓ 'ସି'—ଫର୍ମ ଇତ୍ୟାଦି କାର୍ଯ୍ୟଗୁଡ଼ିକ ତା ୨୭-୧୧-୧୯୬୮ ଠାରୁ ଭଦ୍ରକଠାରେ ଥିବା ନୂଆ ବାଲେଶ୍ୱର—୨ ସବ୍ ସର୍କଲର ଅଫିସରମାନଙ୍କ ଦ୍ୱାରା ସଂପାଦନ କରାଯିବ । ତେଣୁ ଏହି ବ୍ୟବସ୍ଥାର ପୂର୍ଣ୍ଣ ସୁଯୋଗ ଗ୍ରହଣ କରିବା ଓ ଭଦ୍ରକଠାରେ ଥିବା ନୂଆ ବାଲେଶ୍ୱର—୨ ସବ୍ ସର୍କଲର ବିକ୍ରୀ ଟିକସ କର୍ତ୍ତୃପକ୍ଷମାନଙ୍କ ସହିତ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ଲାଗି ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ।

Vol. XXV, No. 7 UTKAL PRASANGA Regd. N
Licence No. C. R. N. P. 5—Licenced to post without prepaym

ଭାବୀ ବଂଶଧରଙ୍କୁ

ସୁଖୀ ଓ ସମୃଦ୍ଧ କରିବାର ଏକମାତ୍ର ପନ୍ଥା

ପରିବାର ନିୟନ୍ତ୍ରଣ

ନିୟନ୍ତ୍ରିତ ପରିବାର ଜାତିର ମେରୁଦଣ୍ଡ

ନିକଟତମ

ପରିବାର କଲ୍ୟାଣ କେନ୍ଦ୍ରରୁ

ପରାମର୍ଶ ନିଅନ୍ତୁ ।

[ ରାଜ୍ୟ ପରିବାର ନିୟନ୍ତ୍ରଣ ସଂସ୍ଥା ]

Printed at the Orissa Government Press, Madhupatna, Cuttack-3